ଜୟପୁର ବିଧାନସଭା ଆସନ; ବିଜେପି ବିଧାୟକ ପ୍ରାର୍ଥୀ ହେଲେ ଗୌତମ ସାମନ୍ତରାୟ

# ବିଜେଡି-କଂଗ୍ରେସ ଲଢ଼େଇରେ ନିର୍ଣ୍ଣାୟକ ହେବ ବିଜେପି





**ଜୟପୁର, ୨୧।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ବିଧାନସଭା ଆସନ ପାଇଁ ରବିବାର ସଂଧ୍ୟାରେ ଭାରତୀୟ ଜନତାପାର୍ଟି ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଜୟପୁର ବିଧାନସଭା ଆସନ ପାଇଁ ବିଜେପି ପୁନର୍ବାର ଗତଥର ପରାଜିତ ପ୍ରାର୍ଥୀ ଗୌତମ ସାମନ୍ତରାୟଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଟିକଟ ପ୍ରଦାନ ନେଇ ରାଜ୍ୟ ନେତୃତ୍ୱ ନାମ ଘୋଷଣା କରିଛନ୍ତି। ରାଜ୍ୟ ପରିଷଦକ ସଦସ୍ୟ ଶ୍ରୀ ସାମନ୍ତରାୟ ଗତ ୨୦୧୯ରେ ବିଜେପିର ପ୍ରାର୍ଥୀ ହୋଇ ୩୩୮୦୫ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଜୟପୁରରେ ମୁଖ୍ୟତଃ କଂଗ୍ରେସର ଜୟପୁର ବିଧାୟକ ତଥା ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି ଏବଂ ବିଜେଡିର ବରିଷ୍ଠ ମହିଳା ନେତ୍ରୀ ଡ. ଇନ୍ଦିରା ନନ୍ଦଙ୍କ ମଧ୍ୟରେ ଲଢେଇ ହେବା ନେଇ ଏକପ୍ରକାର ନିଶ୍ଚିତ ହୋଇଛି। ଏହାମଧ୍ୟରେ ବିଜେପି ପ୍ରାର୍ଥୀ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ନେଇ ଆକଳନ କରାଯାଉଛି। ବିଧାୟକ ଶ୍ରୀ ବାହିନୀପତି ଗତଥର ବିଜୟୀ ହୋଇଥିବା ବେଳେ ଏଥରର ବିଜେଡି ପ୍ରାର୍ଥିନୀ ଡ.ଇନ୍ଦିରାଙ୍କ ସ୍ୱାମୀ ତଥା ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ୨୦୧୯ରେ ଦ୍ୱିତୀୟସ୍ଥାନରେ ରହିଥିଲେ। ରାଜ୍ୟ ସମେତ ଜୟପୁର ବିଧାନସଭା ଅଞ୍ଚଳରେ ରାଜ୍ୟର ବିଜେଡି ସରକାର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବ୍ୟାପକ ଉନ୍ନତିମୂଳକ କାର୍ଯ୍ୟ କରିଛି। ତେଣୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ଓ ବ୍ୟାପକ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀର ସାଧାରଣ ଲୋକଙ୍କ ସମ୍ମାନ ଓ ଆଶା ମୁଖ୍ୟମନ୍ତ୍ରୀ ପ୍ରତି ଅଧିକ ରହିଥିବା ନେଇ ବିଜେଡି ପ୍ରାର୍ଥିନୀ ଏହାକୁ ପାଥେୟ କରିବା ସହ ଭୋଟରଙ୍କ ନିକଟରୁ ବିଜେଡିକୁ ଭୋଟ ପ୍ରଦାନ ପାଇଁ ନିବେଦନ କରିବେ। ସେହିପରି ବିଧାୟକ ଶ୍ରୀ ବାହିନୀପତି ଗତ ଦୁଇଥର ଲଗାତାର ଏହି ଆସନରୁ ବିଜୟୀ ହୋଇଥିବା ଯୋଗୁଁ ପୁନର୍ବାର ବିଜୟୀ ହେବା ନେଇ ସାଧାରଣ ଜନତାଙ୍କ ଉପରେ ଆଶା ରଖିଛନ୍ତି। ଏହି ଦୁଇ ହେଭିୱେଟ ନେତାଙ୍କୁ ଟକ୍କର ଦେବାକୁ ବିଜେପି ପ୍ରାର୍ଥୀ ଶ୍ରୀ ସାମନ୍ତରାୟଙ୍କୁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିବ। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା ଓ ପ୍ରତିଦ୍ୱନ୍ଦ୍ୱୀ ଦଳର କାର୍ଯ୍ୟାଧାରାକୁ ସମାଲୋଚନା କରି ଭୋଟ ପ୍ରଦାନ ଅନୁରୋଧ କରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଗତ ୨୦୧୯ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଶ୍ରୀ ବାହିନୀପତି ୫୯ହଜାର ୭୮୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ସେହିପରି ବିଜେଡି ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ କ‡। ଟକ୍କର ଦେଇ ୫୪ ହଜାର ୩୩୪ ଖଣ୍ଡ ଭୋଟ ପାଇଥିବା ବେଳେ ମାତ୍ର ୫୪୫୧ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ଏହି ଦୃଷ୍ଟିରୁ ବିଜେଡି ଓ ବିଜେପି ମଧ୍ୟରେ ଶ୍ରୀ ବାହିନୀପତିଙ୍କ ବିରୋଧରେ ବିଜେଡି ପଲଳ ଭାରି ରହିଛି।

## ମୋବାଇଲ ଟାୱାର ଯାଞ୍ଚକର୍ତ୍ତାଙ୍କୁ ଆକ୍ରମଣ ଓ ଲୁଟ୍

# ୭ ମାସ ପରେ ଅଭିଯୁକ୍ତ ଗିରଫ, ମୋବାଇଲ ଉଦ୍ଧାର

**ଜୟପୁର, ୨୧।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ପୁଲିସ ଗତ ସେପଟେମ୍ବରରେ ମୋବାଇଲ ଟାୱାର ଯାଞ୍ଚକର୍ତ୍ତାଙ୍କୁ ଆକ୍ରମଣ କରିବା ସହ ମୋବାଇଲ ଲୁଟ କରିଥିବା ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ତା’ ନିକଟରୁ ଲୁଟ ମୋବାଇଲ ଜବତ କରିଛି। ଏହି ମାମଲାରେ ଅନ୍ୟ ଦୁଇଜଣ ଅଭିଯୁକ୍ତ ଫେରାର ରହିଛନ୍ତି ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସ୍ଥାନୀୟ ବାରିଣିପୁଟ ଅଞ୍ଚଳରେ ଜଣେ ବ୍ୟକ୍ତି ମୋବାଇଲ ଟାୱାର ଯାଞ୍ଚ କରୁଥିବା ବେଳେ ଗିରଫ ଅଭିଯୁକ୍ତଙ୍କ ସମେତ ଅନ୍ୟ ଦୁଇ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିବା ସହ ମାଡ଼ମାରି ଗୋଟିଏ ମୋବାଇଲ ଲୁଟ କରି ନେଇଥିଲେ। ସେପ୍ଟେମ୍ବର ୧୫ ତାରିଖରେ ତିନି ଜଣ ଅଜଣା ବ୍ୟକ୍ତି ନାମରେ ଥାନାରେ ମାମଲା ରୁଜୁ ହୋଇଥିଲା। ପୁଲିସ ଉକ୍ତ ମୋବାଇଲକୁ ଟ୍ରାକିଂ ଆରମ୍ଭ କରିଥିଲା। ଦୀର୍ଘ ୭ ମାସପରେ ଉକ୍ତ ମୋବାଇଲକୁ ଟ୍ରାକିଂ କରିବାରେ ସଫଳ ହେବା ପରେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ଇଶ୍ୱର ତାଣ୍ଡୀ ପ୍ରକାଶ କରିଛନ୍ତି।

## ଜନ ସେବା କେନ୍ଦ୍ରରୁ ଚୋରି ଘଟଣା

# ନଗଦ ୧.୨୦ ଲକ୍ଷ ଟଙ୍କା ଜବତ; ଜଣେ ଗିରଫ



**ରାୟଗଡ଼ା,୨୧।୪(ସମିସ):** ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ କୋଲନରା ବ୍ଲକ୍ ମୁକୁନ୍ଦପୁରଠାରେ ଥିବା ଏକ ଜନ ସେବା କେନ୍ଦ୍ରରୁ ଗତ ୧୭ ତାରିଖ ରାତିରେ ହୋଇଥିବା ଚୋରି ଘଟଣାରେ ଚାନ୍ଦିଲି ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ତା’ଠାରୁ ନଗଦ ୧ ଲକ୍ଷ ୨୦ ହଜାର ଟଙ୍କା ଓ ଚୋରିରେ ବ୍ୟବହୃତ ଗୋଟିଏ ଶାବଳକୁ ଜବତ କରାଯାଇଥିବା ନେଇ ରବିବାର ଚାନ୍ଦିଲି ଥାନା ପୁଲିସ ପକ୍ଷରୁ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଚାନ୍ଦିଲି ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମର ପୁଲାକା ପବିତ୍ର(୨୨)। ମୁକୁନ୍ଦପୁର ଗ୍ରାମର ଲକ୍ଷ୍ମଣ ବେହେରା ଗତ ୧୭ ତାରିଖ ବିଳମ୍ବିତ ରାତିରେ ନିଜ ଜନ ସେବା କେନ୍ଦ୍ରରୁ ୧ ଲକ୍ଷ ୭୦ ହଜାର ଟଙ୍କା ନଗଦ ଚୋରି ହୋଇଥିବା ନେଇ ୧୮ ତାରିଖ ସକାଳେ ଚାନ୍ଦିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଚାନ୍ଦିଲି ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ କରାଯାଇଥିଲା। ଘଟଣାରେ ଅଭିଯୁକ୍ତ ପବିତ୍ରଠାରୁ ୧ ଲକ୍ଷ ୨୦ ହଜାର ଟଙ୍କା ଜବତ କରାଯାଇଛି।

# ବିଧାୟକ ପ୍ରାର୍ଥୀଙ୍କ ଉପସ୍ଥିତିରେ ବିଜେଡିରେ ମିଶିଲେ କର୍ମୀ



**ବନ୍ଧୁଗାଁ, ୨୧।୪(ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଆଲମଣ୍ଡା ପଞ୍ଚାୟତ ଏଡଗୁମବାଲାସା ଗ୍ରାମରେ ବିଧାୟକ ପ୍ରାର୍ଥୀ ପ୍ରଭୁ ଯାନିଙ୍କ ଉପସ୍ଥିତିରେ ବିଜେଡି କର୍ମୀଙ୍କୁ ନେଇ ବ୍ଲକ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ବାଲା ନାଗଙ୍କ ସଭାପତିତ୍ୱରେ ପ୍ରଥମେ ସଭାପତି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଆଲମଣ୍ଡା ଗ୍ରାମର ବି ଶରତ, ଜି ଲକ୍ଷଣ, ଏମ ସନ୍ତୁ, ବି ଆପାରାଓ, ବି ସାଙ୍କରି ଓ ଟି ନରେଶ କଂଗ୍ରେସର କର୍ମୀ ବିଧାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ବରିଷ୍ଠ କର୍ମୀ ଦୁର୍ଯ୍ୟ ନାଗ ବୈଠକକୁ ପରିଚାଳନା କରିବା ସହ ସେ ପୁନର୍ବାର ବିଜେଡି ଫେରି ଆସିଥିବା କହିଥିଲେ। ସମସ୍ତ କର୍ମୀ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରଭୁ ଯାନି ଓ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକାଙ୍କୁ ଜୟଯୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ। ଶ୍ରୀ ପ୍ରଭୁ ଯାନି ନିଜ ଆଖିରୁ ଲୁହ ବୁହାଇ ଦୁଃଖରେ ୫ ବର୍ଷ ମଧ୍ୟରେ ଯଦି କିଛି ଭୁଲ କରିଥିଲେ ଉପସ୍ଥିତ କର୍ମୀଙ୍କୁ କ୍ଷମା କରିବାକୁ ଗୁହାରି କରିଥିଲେ। ଗତ ତା ୨୩/୪/୨୪ ରିଖ ଦିନ କୋରାପୁଟଠାରେ ବିଜେଡି ଦଳର ସାଂସଦ ପ୍ରାର୍ଥିନୀ ଓ ବିଧାୟକ ମିଳିତ ଭାବେ ନାମାଙ୍କନ ଦାଖଲ କରାଯିବ ଏଥିପାଇଁ ପ୍ରତି ପଞ୍ଚାୟତରୁ କର୍ମୀମାନେ ଆସିବାକୁ ଜଣାଇଥିଲେ। ବୈଠକରେ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ସୁନୀଲ ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା, ଉପାଧ୍ୟକ୍ଷା ଗୀତାଞ୍ଜଳି ପିଡିକା, ଜିଲ୍ଲା ପରିଷଦ ସଦସ୍ୟ ମାଝି ହିମିରିକା, ବ୍ଲକ ସଭାନେତ୍ରୀ ମନିଷା ମାଝି, ସରପଞ୍ଚ ଲକ୍ଷ୍ମୀ କାଡ୍ରାକା, ଗୌରୀ ମେଲେକା, ସମିତିସଭ୍ୟ ନିଦ୍ରାବତୀ ପିଡିକା, ବରିଷ୍ଠ କର୍ମୀ ଅଭିମନ୍ୟୁ ଭାଣ୍ଡୀ, ସିତେୟା ହିମିରିକା, ଜୋନ ୧ ଓ ୨ ସଂଯୋଜକ ଉତ୍ତମ ନାୟକ ଓ ଦଶମତି ପ୍ରାସ୍କା, ଜୋନ ୧ ମହିଳା ସଭାନେତ୍ରୀ ପୁଷ୍ପାଞ୍ଜଳି କାଡ୍ରାକା, ସମସ୍ତ ପଞ୍ଚାୟତ ସଭାପତି, ସଂଯୋଜକ ତଥା ଅନେକ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ।

# ନିର୍ବାଚନୀ ମାହୋଲରେ ମିଶ୍ରଣ ପର୍ବ

**କୋଟପାଡ଼, ୨୧।୪(ସମିସ):** କୋଟପାଡ଼ସ୍ଥିତ ବିଜେଡି କାର୍ଯ୍ୟାଳୟରେ ଶତାଧିକ ବିଜେପି ଏବଂ କଂଗ୍ରେସ କର୍ମୀ ଶଙ୍ଖ ମଙ୍ଗ ଧରିଛନ୍ତି। ରବିବାର କୋଟପାଡ଼ ବିଜେଡି ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଜେଡିର ଜନହିତକର ଏବଂ ବିକାଶ, ଲୋକାଭିମୁଖୀ କାର୍ଯ୍ୟପ୍ରତି ଅନୁପ୍ରାଣିତ ହୋଇ ଅଞ୍ଚଳର ବହୁ ସଂଖ୍ୟକ ଲୋକେ ବିଜେଡିରେ ସାମିଲ ହୋଇଛନ୍ତି। କୋଟପାଡ଼ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଚନ୍ଦ୍ରଶେଖର ମାଝିଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ତପନ ପାଣିଗ୍ରାହୀ ଏବଂ ଦଳୀୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ବିଜେଡିରେ ମିଶିଲେ ୬୦ରୁ ଅଧିକ ବିଜେପି, କଂଗ୍ରେସ କର୍ମୀ

**ଲକ୍ଷ୍ମୀପୁର, ୨୧।୪(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀରେ ରବିବାର ସନ୍ଧ୍ୟାରେ ଲକ୍ଷ୍ମୀପୁରସ୍ଥିତ ବିଜେଡି କାର୍ଯ୍ୟାଳୟରେ ଓଡିଆପେଣ୍ଠ ପଞ୍ଚାୟତର ଭାଲୁଯୋଡ଼ି, ସିଙ୍ଗାରାମ, ଓଡିଆପେଣ୍ଠ, ଆରପିଗୁଡା ଗ୍ରାମର ୬୦ରୁ ଅଧିକ ବିଜେପି ଓ କଂଗ୍ରେସର କର୍ମୀମାନେ ବିଧାୟକ ପ୍ରଭୁ ଯାନୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଆଗାମୀ ଦିନରେ ଏହି ସଂଖ୍ୟା ବୃଦ୍ଧି ହେବା ନେଇ ଶ୍ରୀ ଯାନୀ କହିଛନ୍ତି। ରାଜ୍ୟ ସରକାର ଯେଉଁ ସବୁ ଯୋଜନା କରିଆସୁଛନ୍ତି ତାହା ପ୍ରତି ଘରେ ଉପଲବ୍ଧ ହେଉଥିବା ହେତୁ ବିଜେଡିରେ ସାମିଲ ହେବା ପାଇଁ ଇଚ୍ଛା ପ୍ରକାଶ କରିଥିବା କୁର୍ଷ ମାଣ୍ଡିଙ୍ଗା, ଲାଟି ହିକକା, ପାନ୍ତୁ ମାଣ୍ଡିଙ୍ଗା, ଯୋଗଡ଼ଦିଷ ମିଣିଆକା, ନକୁଳ ମାଣ୍ଡିଙ୍ଗା, ଜଗନ୍ନାଥ ହଲୱା, କର୍ଣ୍ଣ ମାଣ୍ଡିଙ୍ଗା, ସୁଧାଂଶୁ ବିଦଡିକା, ରଞ୍ଜନ ନାଚିକା, କୁମ୍ଭେଶ୍ୱର୍ ହିକକା, ସପାସ ହିକକା, ଆନନ୍ଦ ଗରଡ଼ା ସମେତ ଅନ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ ଗ୍ରାମର କିଛି ଭଦ୍ର ବ୍ୟକ୍ତି ଓ ଯୁବ ବର୍ଗ ରହିଛନ୍ତି। ବିଜେଡିର ବିପିନ ମାଣ୍ଡିଙ୍ଗା ଓ ଦାମଧର ବିଡିକାଙ୍କ ନେତୃତ୍ୱରେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଥିବା ଜଣାପଡ଼ିଛି। ବିଧାୟକ ପ୍ରାର୍ଥୀ ସମେତ ବିଜେଡିର ଅନେକ ନେତା ଓ କର୍ମୀ ଉପସ୍ଥିତ ଥିଲେ।



# ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ

**କୋରାପୁଟ, ୨୧।୪(ସମିସ):** କୋରାପୁଟ ସଂସ୍କୃତି ଭବନରେ ଜିଲ୍ଲା ପ୍ରଶାସନ ତରଫରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଡେପୁଟି କଲେକ୍ଟର ଧରଣୀଧର ବେହେରା ମୁଖ୍ୟଅତିଥି ଭାବେ ସ୍ୱର୍ଗତ ଶ୍ରୀ ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା,



ଜିଲ୍ଲା ସୂଚନା ଲୋକସମ୍ପର୍କ ବିଭାଗ ଏବଂ ସଂସ୍କୃତି ବିଭାଗର ସମସ୍ତ କର୍ମକର୍ତ୍ତା, ଜିଲ୍ଲା ସ୍ମାରକୀ କମିଟିର ସଦସ୍ୟ ଏବଂ ଅଧ୍ୟାପକ ରବି ଶତପଥୀ ଓ ସାମ୍ବାଦିକ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଏକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା।

# ଦଶମନ୍ତପୁରରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ପୋଡ଼ାଗଡ଼/ଦଶମନ୍ତପୁର, ୨୧।୪(ସମିସ):** କୋରାପୁଟ ଜିଲ୍ଲା ଅଧୀନସ୍ଥ ଦଶମନ୍ତପୁର ବ୍ଲକର ୩ଟି ପଞ୍ଚାୟତରେ ରବିବାର ଅପରାହ୍ନରେ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ସାଧାରଣ ନିର୍ବାଚନରେ ଶାନ୍ତିଶୃଙ୍ଖଳା ଭାବେ ଭୋଟ ଗ୍ରହଣ ସମ୍ପନ୍ନ ହେବା ନେଇ ଫ୍ଲାଗମାର୍ଚ୍ଚ କରିଥିବା ଥାନାଧିକାରୀ ସୁକୁମା ହାଁସଦା ସୂଚନା ଦେଇଛନ୍ତି। କୋରାପୁଟ ଏସଡିପିଓ ଡ. ଶ୍ରାବଣୀ ନାୟକଙ୍କ ନେତୃତ୍ୱରେ କୋରାପୁଟରୁ ୨ ପ୍ଲାଟୁନ ବିଏସ୍‌ଏଫ୍ ଯବାନ ଏବଂ ଓଡ଼ିଶା ପୁଲିସ ପକ୍ଷରୁ ୧ ପ୍ଲାଟୁନ ଫୋର୍ସ ବ୍ଲକର ଦଶମନ୍ତପୁର, ଗିର୍ଲିଗୁମା ଏବଂ ଡୁମ୍ବାଗୁଡା ପଞ୍ଚାୟତରେ ଫ୍ଲାଗ ମାର୍ଚ୍ଚ କରିଥିବା ଦେଖିବାକୁ ମିଳିଛି। ଆସିଷ୍ଟାଣ୍ଟ ବିଏସ୍‌ଏଫ୍ କମାଣ୍ଡର ଏସି ମୁକେଶ କୁମାର, ଏଏସ୍‌ଆଇ ଲକ୍ଷ୍ମୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବୋରିଗାଁରେ କଂଗ୍ରେସ କର୍ମୀ ସମ୍ମିଳନୀ

**ଡାବୁଗାଁ,୨୧।୪(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକର ବୋରିଗାଁ ପଞ୍ଚାୟତ ଅଧୀନ ଡଙ୍ଗରିଗୁଡ଼ା ଗ୍ରାମରେ ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ଜି. ସାଇରାଜୁଙ୍କ ସଭାପତିତ୍ୱରେ କର୍ମୀ ସମ୍ମିଳନୀ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାବୁଗାଁ ବିଧାନସଭା ଆସନ ବିଧାୟକ ପ୍ରାର୍ଥୀ ଲିପିକା ମାଝି ଯୋଗଦେଇ କଂଗ୍ରେସକୁ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ଏହି ସମ୍ମିଳନୀରେ ବ୍ଲକ କଂଗ୍ରେସ ଉପସଭାପତି କୃଶ ପନକା, ଜୋନ୍-୧ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ବୋରିଗାଁ ସରପଞ୍ଚ ଶୁକ୍ରୁ ଭତରା, ପଞ୍ଚାୟତ ସଭାପତି ରଇନୁ ପୂଜାରୀ ଓ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ପାଣି ପାଇଁ ସଂଘର୍ଷ; ଗୋଟିଏ ନଳକୂଅ ଭରସାରେ ୨୫ ପରିବାର




**କଲ୍ୟାଣସିଂହପୁର,୨୧।୪(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସଦର ପଞ୍ଚାୟତରେ ନିର୍ବାଚନ ପାଖେଇ ଆସୁଥିବାବେଳେ ଗାଁରେ ବଡ଼ ବଡ଼ ନେତାଙ୍କୁ ଦେଖିବାକୁ ମିଳୁଛି। କିନ୍ତୁ ଦୀର୍ଘ ଦିନର ମୌଳିକ ସମସ୍ୟା ସମାଧାନ କରି ନ ଥିବା ନେତାଙ୍କୁ ଉଚିତ୍ ଜବାବ ଦେବାକୁ ମନସ୍ଥ କରିଛନ୍ତି ଗାଁ ଲୋକେ। ସକାଳ ପାହିଲେ ହାତରେ ଗରା, ମାଠିଆ ଧରି ପାଣି ପାଇଁ କଳି ଝଗଡ଼ା ଏବଂ ଗାଁ ଦାଣ୍ଡରେ ଲାଗୁଛି ଗହଳି। ତାହା ବି ଅସ୍ୱାସ୍ଥ୍ୟ କର ଗୋଳିଆ ପାଣି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ କେଶବନାୟକଗୁଡ଼ା ଗାଁରେ। ଗାଁ ଦାଣ୍ଡରେ ଘରେ ଘରେ ଷ୍ଟାଣ୍ଡ ପୋଷ୍ଟ ଲାଗିଛି କିନ୍ତୁ ଟାଙ୍କି ଏ ଯାଏଁ ନିର୍ମାଣ ହୋଇନାହିଁ। ସଦର ବ୍ଲକଠାରୁ ମାତ୍ର ୩ କିଲୋମିଟର ଦୂରରେ ଏହି ଗାଁ। ଗାଁରେ ପ୍ରାୟ ୨୫ ପରିବାର ବସବାସ କରନ୍ତି। ଏମାନଙ୍କ ପାଇଁ ପାନୀୟ ଜଳ ଯୋଗାଣ ନିମନ୍ତେ ଅଛି ଗୋଟିଏ ମାତ୍ର ନଳକୂଅ। ସେଇ ନଳକୂଅରେ ହିଁ ପିଇବା ପାଣି ସଂଗ୍ରହ ଏବଂ ସେଇ ପାଣିରେ ହିଁ ଗାଧୁଆ ଓ ବାସନଧୁଆ କରନ୍ତି। କାରଣ ଗ୍ରାମବାସୀଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ। ଏହି ଗୋଟିଏ ନଳକୂଅ ଉପରେ ନିର୍ଭର କରନ୍ତି ଗାଁର ସମସ୍ତ ଲୋକେ।

ଏହି ଅସ୍ୱାସ୍ଥ୍ୟକର ଗୋଳିଆ ପାଣି ପିଇ ଲୋକେ ଅନେକ ରୋଗରେ ଆକ୍ରାନ୍ତ ହେଉଥିବା ମଧ୍ୟ ଅଭିଯୋଗ କରିଛନ୍ତି ଗାଁର ବିଜୟା ପିଡ଼ିସିକା, ତେଲିଆଣି କୌଶଲ୍ୟା, କୃଷ୍ଣ କାଡ୍ରକା, ବିଛେନ୍ଦ୍ରୀ ସୁନା। ପାନୀୟ ଜଳ ଭଳି ମୌଳିକ ସମସ୍ୟା ଅଭିଯୋଗ ନେଇ ଗାଁ ଲୋକେ ଅନେକ ଥର ପ୍ରଶାସନ, ସ୍ଥାନୀୟ ନେତାଙ୍କୁ ଗୁହାରି କରିଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ଚଳିତ ନିର୍ବାଚନରେ ଭୋଟ୍ ବର୍ଜନ କରିବାକୁ ମନସ୍ଥ କରିଛନ୍ତି ଗ୍ରାମବାସୀ। ଯିଏ ତାଙ୍କ ସମସ୍ୟା ସମାଧାନ କରିବେ ତାଙ୍କୁ ହିଁ ଭୋଟ୍ ଦେବେ ବୋଲି କହିଛନ୍ତି।



### ବିଜେଡିର ବନ୍ଧୁମିଳନରେ ପ୍ରଦୀପଙ୍କ ଦମ୍ଭୋକ୍ତି

# ଜିଲ୍ଲାରେ ଜଳ, କଳ, ରେଳ ବିକାଶ ଦାୟିତ୍ୱ ମୋର



**ନବରଙ୍ଗପୁର, ୨୧।୪(ସମିସ):** ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ଜଳ, କଳ, ରେଳ ବିକାଶ ଦାୟିତ୍ୱ ମୋର ବୋଲି ପୂର୍ବତନ ସାଂସଦ ପ୍ରଦୀପ ମାଝି ଦମ୍ଭୋକ୍ତି ପ୍ରକାଶ କରି କହିଛନ୍ତି। ସେ ସମ୍ପ୍ରତି ନବରଙ୍ଗପୁର ଲୋକସଭା ଆସନରୁ ବିଜେଡିର ସଂସଦୀୟ ପ୍ରାର୍ଥୀ ଭାବେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ନବରଙ୍ଗପୁର ଛାମୁରିଆଗୁଡାସ୍ଥିତ ହୋଟେଲ ବିନୋଦ ପେଲେସରେ ଜିଲ୍ଲା ବିଜୁ ଜନତା ଦଳର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଙ୍କ ଇଶ୍ୱରଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରି ନବରଙ୍ଗପୁର ସାଂସଦ ତଥା ବର୍ତ୍ତମାନର ଝରିଗାଁ ବିଧାନସଭା ମଣ୍ଡଳୀର ବିଧାୟକ ରମେଶଚନ୍ଦ୍ର ମାଝିଙ୍କ ସରଳ ଓ ପରୋପକାରୀ ବ୍ୟକ୍ତିତ୍ୱ ବିରଳ ବୋଲି କହିଛନ୍ତି। ନବରଙ୍ଗପୁର ସାଂସଦ ଶ୍ରୀ ମାଝି ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସମସ୍ତ ଜନସାଧାରଣ, ସାମ୍ବାଦିକଙ୍କୁ ଧନ୍ୟବାଦ ଜଣାଇଥିଲେ। ଡାବୁଗାଁ ବିଧାୟକ ତଥା ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ମନୋହର ରନ୍ଧାରି ସର୍ବାଙ୍ଗୀନ ଉନ୍ନତି ସହ ନବରଙ୍ଗପୁର ଜିଲ୍ଲାକୁ ସଶକ୍ତ ସମୃଦ୍ଧ ଭାବେ ଗଢିବା ପାଇଁ ଚେଷ୍ଟା ଜାରି ରହିବ ବୋଲି କହିଛନ୍ତି। ଏହି ଅବସରରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀ ବିଧାୟିକା ପ୍ରାର୍ଥିନୀ ନବୀନା ନାୟକ ଏବଂ ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଧାୟିକା ପ୍ରାର୍ଥିନୀ କୌଶଲ୍ୟା ପ୍ରଧାନୀ ମିଳିମିଶି ନବରଙ୍ଗପୁର ଜିଲ୍ଲାର ବିକାଶଧାରାକୁ ଆଗକୁ ନେବା ବୋଲି କହିଛନ୍ତି। ପୂର୍ବତନ ସାଂସଦ ତଥା ନବରଙ୍ଗପୁର ଲୋକସଭା ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝି ନିର୍ବାଚନ ପ୍ରଚାରରେ ସରକାରଙ୍କ ବିରୋଧରେ ଗୋଟିଏ ହେଲେ ଅଭିଯୋଗ ନଥିବା କହିବା ସହ ପ୍ରତ୍ୟେକ ଲୋକଙ୍କ ପ୍ରଶଂସାର ପାତ୍ର ହୋଇଛି ଏହି ସରକାର ବୋଲି କହିଥିଲେ। ମାଲକାନଗିରି ଜିଲ୍ଲାବାସୀଙ୍କ ଅଭିଳାଷ ପୂରଣ କରିବା ମୋର ପ୍ରାଥମିକତା ହେବ ଏବଂ ଏଥିସହିତ ଜିଲ୍ଲାରେ ଜଳ, ରେଳ, କଳ ପାଇଁ ମୋର ସମ୍ପୂର୍ଣ୍ଣ ପ୍ରୟାସ ରହିବ କହିଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ତ୍ରିପାଠୀ, ଅବିଭକ୍ତ କୋରାପୁଟ ଜିଲ୍ଲା ମହିଳା ଜୋନ ସଭାନେତ୍ରୀ ଲତା ରାୟ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଦିଲୁ ପଣ୍ଡା, ନବରଙ୍ଗପୁର ଜିଲ୍ଲା ବିଜେଡି ଉପସଭାପତି ରବି ପଟ୍ଟନାୟକ ମଞ୍ଚାସୀନ ଥିବାବେଳେ ନନ୍ଦାହାଣ୍ଡି ଜିଲ୍ଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଜିଲ୍ଲା ବିଜେଡି ଉପସଭାପତି ମିଟୁ ପାତ୍ର, ଉତ୍ତମ ତ୍ରିପାଠୀ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଭୀମ ହରିଜନ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କାଉନସିଲର ଅଲେଖ ସୌରା, ନଗର ବିଜେଡି ସଭାପତି ପ୍ରମୋଦ ରଥ, ଉପ ସଭାପତି କୁନା ପଣ୍ଡା, ରାଜା ରେଡ୍ଡୀ, ନଗର ଯୁବ ବିଜେଡି ସଭାପତି ପିଣ୍ଟୁ ଲେଙ୍କା, ପିଙ୍କୁ ଗନ୍ତାୟତ, ରିଙ୍କୁ ପଟ୍ଟନାୟକ, ଲାଲୁ ତ୍ରିପାଠୀ, ସଞ୍ଜୟ ନାୟକ, କାହ୍ନୁ ଖାଡଙ୍ଗାଙ୍କ ସମେତ ବହୁ ବିଜେଡି କର୍ମୀ ଏବଂ ନେତା ଯୋଗ ଦେଇଥିଲେ।

# ଆଜି ନାମାଙ୍କନ ଦାଖଲ କରିବେ ପ୍ରଫୁଲ୍ଲ ପାଙ୍ଗି



**ନନ୍ଦପୁର, ୨୧।୪(ସମିସ)**

ସୋମବାର ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀ ଆସନ ପାଇଁ ବିଜେଡିର ପ୍ରାର୍ଥୀ ଭାବେ ପ୍ରଫୁଲ୍ଲ ପାଙ୍ଗି ନାମାଙ୍କନପତ୍ର ଦାଖଲ କରିବେ। ତିନି ଅଭିଜ୍ଞ ନେତା ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଦୁଇ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଓ ରାମଚନ୍ଦ୍ର କାଡ଼ାମ ବିଜେଡି ଓ କଂଗ୍ରେସରୁ ପ୍ରାର୍ଥୀ ରହିଥିବାବେଳେ ବିଜେପିରୁ ଚୈତନ୍ୟ ନନ୍ଦିବାଲି ରହିଛନ୍ତି। ସେ ୨୦୧୯ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇ ସାରିଛନ୍ତି। ଅଳ୍ପ ବହୁତ୍ ନିର୍ବାଚନୀ ଅଭିଜ୍ଞତା ନେଇ ମଇଦାନରେ ଶ୍ରୀ ନନ୍ଦିବାଲି ବିଜେପିରୁ ଲଢେଇ ପାଇଁ ପ୍ରସ୍ତୁତ ହୋଇଥିବା ବେଳେ ସେପଟେ ଓଡ଼ିଶାର ଶକ୍ତିଶାଳୀ ଦଳ ବିଜେଡିର ପ୍ରାର୍ଥୀ ହୋଇ ପ୍ରଫୁଲ୍ଲ କୁମାର ପାଙ୍ଗି ମଇଦାନରେ ରଣହୁଙ୍କାର ଦେଇଛନ୍ତି। ତେବେ କଂଗ୍ରେସର ପକେଟ ଭୋଟକୁ ଗଣିତ କଷି ପ୍ରଥମ ପ୍ରାର୍ଥୀ ଭାବେ ଗତ ଦିନରେ ନାମାଙ୍କନ ଦାଖଲ କରି ଅଣ୍ଟା ଭିଡିଛନ୍ତି ରାମଚନ୍ଦ୍ର କାଡ଼ାମ। ଶାସକ ବିଜେଡି ପଟାଙ୍ଗୀ

**● ଅଙ୍କକଷା ଆରମ୍ଭ**

ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ବଦଳାଇ ଉଭୟ କଂଗ୍ରେସ ଓ ବିଜେପିକୁ ଧରାଶାୟୀ କରିବାକୁ ମାଷ୍ଟରଷ୍ଟ୍ରୋକ ଖେଳିଥିବା ଆଲୋଚନା ହୁଏ। ସ୍ୱର୍ଗତ ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶା ଗଢିବାକୁ ନବୀନ ପଟ୍ଟନାୟକଙ୍କ ନିଷ୍ଠାପର ସେବାକୁ ପାଥେୟ କରି ବିଜେଡ଼ି ଷଷ୍ଠ ପାଳି ଲଢେଇରେ କାହାର ପଲା ଭାରି ତାକୁ ନେଇ ଭୋଟରଙ୍କ ଅଙ୍କକଷା ଆରମ୍ଭ ହୋଇଛି। ସବୁ ଗଣିତର ଫଳାଫଳ ଆସନ୍ତା ଜୁନରେ ମିଳିବ।

# କୋରାପୁଟରେ ବିଜୁ ଯୁବ ଛାତ୍ର ଜନତା ଦଳର ସାଂଗଠନିକ ବୈଠକ



**କୋରାପୁଟ,୨୧।୪(ସମିସ):** ବିଧାୟକ ପ୍ରାର୍ଥୀ ରଘୁରାମ ପଡ଼ାଲଙ୍କ ବାସଭବନରେ କୋରାପୁଟ ବିଧାନ ସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଯୁବ ଛାତ୍ର ଜନତା ଦଳର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଯୁବ ବିଜେଡି ଜିଲ୍ଲା ସଭାପତି ଲଲାଟ ରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ରଘୁରାମ ପଡାଲ ଏବଂ କୋରାପୁଟ ଲୋକସଭା ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା ଯୋଗଦେଇ ଦଳୀୟ ସଂଗଠନ ମଜଭୁତ କରିବା ସହ ଆସନ୍ତା ନିର୍ବାଚନରେ ସେମାନଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବା ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, କୋରାପୁଟ ବ୍ଲକ ସଭାପତି ମଣ୍ଟୁ ବେନିଆ ଏବଂ ବିଜୁ ଜନତା ଦଳର ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ। ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ, ସ୍ୱଚ୍ଛ ଭାବମୂର୍ତ୍ତି ଓ ନିର୍ମଳ ଶାସନରେ ଅନୁପ୍ରାଣିତ ହୋଇ ଉକ୍ତ ବୈଠକରେ ଅନ୍ୟ ଦଳର ଶତାଧିକ କର୍ମୀ ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ।

# ବିଚ୍ଛିନ୍ନାଞ୍ଚଳରେ ବିଜେଡି ବିଧାୟକ ପ୍ରାର୍ଥୀ ରଘୁରାମ ପଡ଼ାଲଙ୍କ ପ୍ରଚାର ଜୋରଦାର

**ନନ୍ଦପୁର,୨୧।୪(ସମିସ):** କୋରାପୁଟ ବିଜେଡି ବିଧାୟକ ପ୍ରାର୍ଥୀ ରଘୁରାମ ପଡ଼ାଲ ରବିବାର ନନ୍ଦପୁର ଥାନା ଅନ୍ତର୍ଗତ ବିଚ୍ଛିନ୍ନାଞ୍ଚଳ ବନମାଳୀପୁଟ ଗ୍ରାମ ପଞ୍ଚାୟତରେ ମାରାଥନ ପ୍ରଚାର କରିଛନ୍ତି। ସେ କୋରାପୁଟରୁ ସିଧା ବନମାଳିପୁଟ ପହଞ୍ଚିବା ପରେ ସେଠାକାର ନୀଳକଣ୍ଠେଶ୍ୱର ମନ୍ଦିର ଦର୍ଶନ ପରେ ଗ୍ରାମ ପରିସରକୁ ଯାଇ ଲୋକଙ୍କ ସହ ନିର୍ବାଚନ ନେଇ ଆଲୋଚନା କରିବା ସହ ଗତ ଦିନରେ ଚାଲିଥିବା ସିନ୍ଧିପୁଟ ବ୍ରିଜ କୋଲାବ ନଦୀ ଉପରେ ସୁଖୁ ବ୍ରିଜ୍ ଖୁବଶୀଘ୍ର କାର୍ଯ୍ୟ ଶେଷ ହେବ ଏବଂ ଅଞ୍ଚଳବାସୀ ଭୋଗୁଥିବା ଦୁଃଖ ଦୂର ହେବ ବୋଲି କହିବା ସହ ଚଳିତ ନିର୍ବାଚନରେ ଶଙ୍ଖ ଚିହ୍ନରେ ମୋହର ମାରି ଓଡ଼ିଶାରେ ପୁଣି ନବୀନ ବାନା ଉଡ଼ାଇବାକୁ ଆହ୍ୱାନ କରିଥିଲେ। ଅନେକ ଦଳ ଆସିବେ ପ୍ରଲୋଭନ ଦେଖାଇବେ ହେଲେ ସେବା ଦେଇଥିବା ସରକାର ଏକମାତ୍ର ବିଜେଡି ସରକାର ବୋଲି କହିଥିଲେ। କରୋନା ହେଉ ବା ଓଡ଼ିଶାରେ ମହାବାତ୍ୟା ହେଉ ନବୀନ ପଟ୍ଟନାୟକଙ୍କ ସେବାକାର୍ଯ୍ୟ ସବୁବେଳେ ମନେ ପଡ଼ିବ ବୋଲି କହି ଦୁଃଖ ବେଳେର ବନ୍ଧୁ ହିଁ ପ୍ରକୃତ୍ ବନ୍ଧୁ ବୋଲି କହିଥିଲେ। ବିରୋଧୀ ଅପପ୍ରଚାରକୁ କର୍ଣ୍ଣପାତ ନ କରି ଶଙ୍ଖ ଚିହ୍ନରେ ଉଭୟ ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥିନୀଙ୍କୁ ଭୋଟ ଦେବାକୁ ଭୁଲିବେ ନାହିଁ ବୋଲି ବନମାଳୀପୁଟ ଗ୍ରାମବାସୀଙ୍କୁ ଭୋଟଭିକ୍ଷା କରିଥିଲେ। ଏହି ଅବସରରେ ମଧୁଖରା, ରାମ ପାତ୍ର, ରଘୁ ବୈରାଗୀ, ସନ୍ତୋଷ ନାୟକ ସମେତ ବହୁ ଯୁବ ବିଜେଡି କର୍ମୀ, ନେତା ଯୋଗଦେଇଥିଲେ।



### ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ରୋଡ୍ ଶୋ'

# ସ୍ୱାମୀଙ୍କ ଗଡ଼ରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ଇନ୍ଦିରା



**ବୋରିଗୁମ୍ମା,୨୧।୪(ସମିସ):**

ପୂର୍ବତନ ମନ୍ତ୍ରୀ ରବି ନନ୍ଦଙ୍କ ଗଡ଼ ରକ୍ଷା ପାଇଁ ତାଙ୍କ ସ୍ତ୍ରୀ ଡ. ଇନ୍ଦିରା ନନ୍ଦ ଅଣ୍ଟା ଭିଡ଼ିଛନ୍ତି। କୋରାପୁଟ ଜିଲ୍ଲାର ଏକମାତ୍ର ଅଣସଂରକ୍ଷିତ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ମାହୋଲ ସରଗରମ ହେଲାଣି। ସ୍ୱାମୀ ରବି ନାରାୟଣ ନନ୍ଦଙ୍କ ଦୃଢ଼ ସଂଗଠନ ବଳରେ ଏଥର ଗଡ଼କୁ ବିଜୟୀ ହେବା ଲକ୍ଷ୍ୟରେ ରହିଛନ୍ତି ବିଜେଡି ପ୍ରାର୍ଥୀ ଡ. ଇନ୍ଦିରା ନନ୍ଦ। ସେହିଭଳି କୋରାପୁଟ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା ଓ ଜୟପୁର ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥିନୀ ଡ. ଇନ୍ଦିରା ନନ୍ଦଙ୍କୁ ବୋରିଗୁମ୍ମାବାସୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଟିକଟ ପାଇବା ପରେ ବୋରିଗୁମ୍ମା ବ୍ଲକ୍ ବିଜେଡି କମିଟି ପକ୍ଷରୁ ଉଭୟଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ସ୍ୱାଗତ କରିଥିଲେ ଏବଂ ଜୟଯୁକ୍ତ ହେବାପାଇଁ କାମନା କରିଥିଲେ। ବୋରିଗୁମ୍ମା ସଦର ମହକୁମାରେ ନିଜର ଶକ୍ତି ପ୍ରଦର୍ଶନ ସହ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛି ବିଜେଡି।

ରବିବାର ବିଜୁ ଜନତା ଦଳର ଜୟପୁର ବିଧାୟକ ପ୍ରାର୍ଥିନୀ ଡ. ଇନ୍ଦିରା ନନ୍ଦ ଏବଂ କୋରାପୁଟ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ନିର୍ବାଚନ ଏବଂ ପ୍ରାର୍ଥିପତ୍ର ଦାଖଲ ସମୟ ପାଖେଇ ଆସୁଥିବାବେଳେ ଜୟପୁର ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥିନୀ ଇନ୍ଦିରା ନନ୍ଦ ଏବଂ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା ରବିବାର ହଜାର ହଜାର କର୍ମୀଙ୍କ ଗହଣରେ ସଦରରେ ଥିବା ଆରାଧ୍ୟ ଦେବୀ ଭୈରବ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରେ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିନ୍ଦାବାଦ, ବିଜେଡି ଦଳ ଜିନ୍ଦାବାଦ, ଇନ୍ଦିରା ନନ୍ଦ ଜିନ୍ଦାବାଦ, କୌଶଲ୍ୟା ହିକକା ଜିନ୍ଦାବାଦ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ଡ. ନନ୍ଦ ପ୍ରକାଶ କରିଛନ୍ତି ଯେ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନରେ କୋରାପୁଟ ଜିଲ୍ଲାରେ ବିକାଶ ଯେମିତି ଆଗେଇଛି ଏହି ଅଞ୍ଚଳରେ ବିଜୁ ଜନତା ଦଳ ପ୍ରତି ଜନସାଧାରଣଙ୍କ ସମର୍ଥନ ମଧ୍ୟ ସେମିତି ହିଁ ରହିଛି। ଆମ ଓଡ଼ିଶା ନବୀନ ଓଡ଼ିଶା, ସ୍ୱୟମ୍ ଯୋଜନା, ଲକ୍ଷ୍ମୀ ବସ ସେବା ଭଳି ଅନେକ ଜନହିତକର ଯୋଜନାରେ ସମସ୍ତ ବର୍ଗ ଉପକୃତ ହୋଇପାରିଛନ୍ତି। ସାଂସଦ ପ୍ରାର୍ଥିନୀ ଶ୍ରୀମତୀ ହିକକା ଅନୁରୂପ କଥା ପ୍ରକାଶ କରି ପୁଣିଥରେ ଷଷ୍ଠଥର ପାଇଁ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବା ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲା ଓ ବ୍ଲକର ସମସ୍ତ ଭୋଟର ବିଜୁ ଜନତା ଦଳକୁ ଭୋଟ୍ ଦେବାପାଇଁ ସେ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ବ୍ଲକ୍ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ, ବ୍ଲକ୍ ସଭାପତି ବିବେକାନନ୍ଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ମୁନ୍ନା ଦୋରା, ଜିଲ୍ଲା ସାଧାରଣ ସମ୍ପାଦକ କେ. ନାଗରାଜ ଦୋରା, ସୁରେନ୍ଦ୍ର ତ୍ରିପାଠୀ, ଚିତ୍ରସେନ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଳା ଘାସି, ସୁବାସ ଚନ୍ଦ୍ର ନାୟକ, ଏମ. ମାଙ୍ଗାମା, ସମିତିସଭ୍ୟା ସୁଶ୍ରୀ ପ୍ରିୟଙ୍କା ରଥ, ଗୁପ୍ତ ଗନ୍ତାୟତ, ଏଲ. ନାରାୟଣ ରାଓ, ଜୟପୁର ବ୍ଲକ ଉପାଧ୍ୟକ୍ଷ ଗଣେଶ ପ୍ରସାଦ ପାଢ଼ୀଙ୍କ ସହ ହଜାରେରୁ ଉର୍ଦ୍ଧ୍ୱ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଜେଡିରେ ଯୋଗଦେଲେ ଅନ୍ୟ ଦଳର କର୍ମୀ

**● ବିଜେଡିର ଅସ୍ଥାୟୀ କାର୍ଯ୍ୟାଳୟ ଆରମ୍ଭ**



**କୋରୁକୋଣ୍ଡା, ୨୧।୪(ସମିସ)**

ମାଲକାନଗିରି ଜିଲ୍ଲା କୋରୁକୁଣ୍ଡା ବ୍ଲକ ସଦର ମା' ତାରିଣୀ ପୀଠରେ ରବିବାର କୋରୁକୁଣ୍ଡା ବିଜୁ ଜନତା ଦଳ ତରଫରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମାଲକାନଗିରି ବିଧାନସଭା ବିଧାୟକ ପ୍ରାର୍ଥୀ ତଥା ଜିଲ୍ଲା ବିଜୁ ଜନତା ସଭାପତି ଦଳ ମାନସ ମାଡକାମିଙ୍କୁ ସ୍ୱାଗତ କରିବା ସହ ନିର୍ବାଚନୀ ରଣକୌଶଳ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତା ଦେଇ ସଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବା ନେଇ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୧୦ରୁ ଅଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିୟଲେ। କୋରୁକୁଣ୍ଡା ଜୋନ୍ ସଂଯୋଜକ ନୃସିଂହ ଚରଣ ମହାନ୍ତି, ବ୍ଲକ ସଭାପତି ସତ୍ୟ ପାଣିଗ୍ରାହୀ, କୋରୁକୁଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି, ଆଦିବାସୀ ମହାସଂଘ ଉପଦେଷ୍ଟା ଘନଶ୍ୟାମ ମାଡକାମି, ଆଇନଜୀବୀ ଲମ୍ବୋଦର ତୁରୁକ, ଜେମ୍ସ ଜୋସେଫ, ଋଷିକେଶ ପଣ୍ଡା, ମାଧବ ସାବତ, ଉମା ସାହୁ, ତ୍ରିଲୋଚନ ଚଉଧରିଙ୍କ ସହ ଅନେକ ସ୍ଥାନୀୟ ବିଜୁ ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଆଗମୀ ନିର୍ବାଚନ ପାଇଁ କୋରୁକୋଣ୍ଡା ବସଷ୍ଟାଣ୍ଡ ନିକଟରେ ବିଜୁଜନତା ଦଳର ଅସ୍ଥାୟୀ କାର୍ଯ୍ୟାଳୟକୁ ଶ୍ରୀ ମାଡକାମି ଉଦଘାଟନ କରିଥିଲେ।

# ବୈପାରୀଗୁଡ଼ାରେ ଯୁବ ବିଜେଡି ବୈଠକ

**ବୈପାରୀଗୁଡ଼ା,୨୧।୪(ସମିସ):**

ବୈପାରୀଗୁଡ଼ା ବ୍ଲକ୍ ଯୁବ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ସାପ୍ତାହିକ ବଜାରରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦ଟି ପଞ୍ଚାୟତରୁ ହଜାରେରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ବୈଠକରେ କୋରାପୁଟ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ରମାକାନ୍ତ ରାଉଳ, କୋଟପାଡ଼ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମୁନା ରଥ, କୋରାପୁଟ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା, କୋରାପୁଟ ବିଧାୟକ ପ୍ରାର୍ଥୀ ରଘୁରାମ ପଡାଲ, କୋଟପାଡ଼ ବିଧାୟକ ପ୍ରାର୍ଥୀ ଚନ୍ଦ୍ରଶେଖର ମାଝୀ ଉପସ୍ଥିତ ଥିଲେ। ନବୀନ ସରକାରର ଲୋକାଭିମୁଖୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଉଭୟ ବିଧାୟକ ଓ ସାଂସଦଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରାଇବା ପାଇଁ ଆହ୍ୱାନ କରିଥିଲେ। ଏହା ସହ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀ ସରକାର ଯୋଜନା ଲୋକଙ୍କୁ କହିବା ସହ ଶଙ୍ଖ ଚିହ୍ନ ପାଇଁ ପ୍ରତ୍ୟେକ ଘରକୁ ଯାଇ ଭୋଟଭିକ୍ଷା କରିବା ପାଇଁ କର୍ମୀଙ୍କୁ ଅନୁରୋଧ କରିଥିଲେ।

# ସାଇକଲ ଶୋଭାଯାତ୍ରା ମାଧ୍ୟମରେ ଭୋଟ୍‌ଦାନ ସଚେତନତା

**ଜୟପୁର,୨୧।୪(ସମିସ)**

କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଭୋଟଦାତାଙ୍କୁ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟଦାନ କରିବା ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଜୟପୁର ପୌରସଂସ୍ଥା ପକ୍ଷରୁ ରବିବାର ପୂର୍ବାହ୍ଣରେ ଆୟୋଜିତ ସାଇକଲ ଶୋଭାଯାତ୍ରା ମାଧ୍ୟମରେ କୋରାପୁଟ ଜିଲ୍ଲା ପ୍ରଶାସନ ଜନସାଧାରଣଙ୍କୁ ମତଦାନର ସଚେତନତା ବାର୍ତ୍ତା ଦେଇଥିଲେ। ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପଡ଼ିଆଠାରେ ସକାଳ ୭ଟା ସମୟରେ ଜୟପୁର ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ମହିଳା, ଯୁବକଯୁବତୀ ପ୍ରମୁଖ ଏହି ସାଇକଲ ଶୋଭାଯାତ୍ରାରେ ଯୋଗଦେଇଥିଲେ। ଏହି ସ୍ୱତନ୍ତ୍ର ଭୋଟ୍ ପ୍ରଦାନ ସଚେତନତା କାର୍ଯ୍ୟକ୍ରମରେ



କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମେ ନିଜ ବକ୍ତବ୍ୟରେ ଦେଶର ସମସ୍ତ ଭୋଟଦାତା ନାଗରିକ ନିଜର ଭୋଟଦାନ କରିବା ସହିତ ଏକ ସମୃଦ୍ଧ ରାଜ୍ୟ ଓ ଦେଶ ଗଠନରେ ଅଂଶଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଏହାପରେ ସାଇକଲ ଶୋଭାଯାତ୍ରାକୁ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଶେଷରେ ଏହି ଶୋଭାଯାତ୍ରାରେ ଯୋଗଦେଇଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ ସହିତ ଉତ୍ସାହିତ କରିଥିଲେ। ଏହି ଶୋଭାଯାତ୍ରାରେ କେବଳ ସହରର ୨୨୨ ଜଣ ସାଇକଲ ଚାଳକ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟପୁର ଏସଡିପିଓ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ, ଜୟପୁର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର, ଜିଲ୍ଲା ପରିଷଦର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ହିମାଂଶୁ ଶତପଥି, ଜୟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଜୟପୁର ତହସିଲଦାର ଡ. ମୋନାଲିସା ଆଚାର୍ଯ୍ୟ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ଓ ଜିଲ୍ଲାର ସମସ୍ତ ପଦାଧିକାରୀ, ଜୟପୁର ପୌରପାଳିକାର ସମସ୍ତ କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତା ଉପସ୍ଥିତ ଥିଲେ।

ନିୟମଗିରି ଡଙ୍ଗରିଆଙ୍କ ମେଳି

# ମିଥ୍ୟା ମୋକଦ୍ଦମା ପ୍ରତ୍ୟାହାର ନ ହେଲେ ଭୋଟ୍ ବର୍ଜନ



**କଲ୍ୟାଣସିଂହପୁର,୨୧।୪(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ପାରସାଲି ପଞ୍ଚାୟତରେ ରବିବାର ନିୟମଗିରି ଡଙ୍ଗରିଆଙ୍କ ମେଳି ହୋଇଥିବା ଦେଖିବାକୁ ମିଳିଛି। ମିଥ୍ୟା ମୋକଦ୍ଦମା ପ୍ରତ୍ୟାହାର ନ କଲେ ଭୋଟ୍ ବର୍ଜନ କରବାକୁ ନିଷ୍ପତ୍ତି ନେଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ନିୟମଗିରିର ପାରସଲି ପଞ୍ଚାୟତରେ। ନିୟମଗିରି ଅଞ୍ଚଳର ପ୍ରାୟ ୩୮ ଖଣ୍ଡ ଗାଁର ଶତାଧିକ ଡଙ୍ଗରିଆ ମହିଳା ଓ ପୁରୁଷ ନିୟମଗିରି ଅଞ୍ଚଳର ପାରସାଲି ପଞ୍ଚାୟତ ନିକଟରେ ଏକତ୍ରିତ ହୋଇଥିଲେ। ଉକ୍ତ ସଭାସ୍ଥଳରେ ଜଳ, ଜଙ୍ଗଲ, ଜମି ପାଇଁ ଲଢ଼େଇ କରିଆସୁଥିବା ନିୟମଗିରି ଅଧିବାସୀଙ୍କୁ ମାଓ ସମର୍ଥକ କହି ବିଭିନ୍ନ ମାମଲା ରୁଜୁ କରି ବିଭିନ୍ନ ସମୟରେ ଉଠାଇ ନେଉଥିବା ଅଭିଯୋଗ ମୁଖ୍ୟ ପ୍ରସଙ୍ଗ ରହିଥିଲା। ଏହି ମିଥ୍ୟା ମାମଲାଗୁଡ଼ିକ ପ୍ରତ୍ୟାହାର ଦାବି କରିଛନ୍ତି ନିୟମଗିରି ଡଙ୍ଗରିଆ। ଏଥିସହ ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ ଅଞ୍ଚଳରେ ବିଦ୍ୟୁତ୍, ପାଣି, ରାସ୍ତା ଭଳି ମୌଳିକ ସମସ୍ୟା ଲାଗି ରହିଛି। ଯେପର୍ଯ୍ୟନ୍ତ ଏହି ସବୁ ସମସ୍ୟାର ସମାଧାନ ହୋଇନାହିଁ ସେ ପର୍ଯ୍ୟନ୍ତ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ନିୟମଗିରି ସୁରକ୍ଷା ମଞ୍ଚ ଆବାହକ ସିକକା ଲଦ। ଶେଷରେ କଲ୍ୟାଣସିଂହପୁର ଥାନା ଅଧିକାରୀ ନୀଳକଣ୍ଠ ବେହେରା ଓ ଆରକ୍ଷୀ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ।

# ଜୈନ ସମ୍ପ୍ରଦାୟ ପକ୍ଷରୁ ମହାପୁରୁଷ ମହାବୀରଙ୍କ ୨୫୫୦ତମ ଜୟନ୍ତୀ




**ଜୟପୁର,୨୧।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର ଜୈନ ସମ୍ପ୍ରଦାୟ ପକ୍ଷରୁ ଜୈନ ଧର୍ମର ପ୍ରତିଷ୍ଠାତା ମହାପୁରୁଷ ମହାବୀରଙ୍କ ୨୫୫୦ ତମ ଜୟନ୍ତୀ ଆଡ଼ମ୍ବର ସହିତ ପାଳନ କରାଯାଇଛି। ସ୍ଥାନୀୟ ଜୈନ ସମ୍ପ୍ରଦାୟ ପକ୍ଷରୁ ପୂର୍ବାହ୍ଣରେ ସହରର ମୁଖ୍ୟରାସ୍ତାରେ ଥିବା ଜୈନମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ନିର୍ମାଣ କରାଯାଇଥିବା ରଥ ଉପରେ ମହାପୁରୁଷ ମହାବୀରଙ୍କ ଫଟୋ ରଖାଯାଇ ଧର୍ମାବଲମ୍ବୀ ଏବଂ ଶ୍ରଦ୍ଧାଳୁଙ୍କ ପକ୍ଷରୁ ରଥକୁ ଟାଣି ସହର ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରା ଜୈନ ମନ୍ଦିରରୁ ବାହାରି ଏମ.ଜି ରୋଡ୍, ବେଲରୋଡ୍, ଏନ.କେ. ଟି ରୋଡ୍ ଦେଇ ପୁଣି ମୁଖ୍ୟରାସ୍ତାକୁ ବାହାରି ଜୈନ ମନ୍ଦିରକୁ ଯାଇଥିଲା। ଏଥିରେ ସମ୍ପ୍ରଦାୟର ପୁରୁଷଙ୍କ ସହିତ ମହିଳାମାନେ ଜୈନ ସମ୍ପ୍ରଦାୟର ଭକ୍ତି ଭଜନ ଗାନ କରିବା ସହିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ମାରୱାଡି ଯୁବ ମୋର୍ଚ୍ଚାର ଜିଲ୍ଲା ଶାଖା ପକ୍ଷରୁ ବେଲ ରୋଡ଼ରେ ଶୋଭାଯାତ୍ରୀଙ୍କୁ ଥଣ୍ଡା ପାନୀୟ ଏବଂ ସର୍ବତ ପ୍ରଦାନ କରିଥିଲେ। ଅପରାହ୍ଣରେ ଜୈନ ମନ୍ଦିରଠାରେ ପୂଜାର୍ଚ୍ଚନା ସହିତ ଭଜନ ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସେହିପରି ଗତ ଶନିବାର ଜୈନ ଭବନରେ ବାଳକ ଓ ବାଳିକାଙ୍କ ବିଭିନ୍ନ ପ୍ରତିଯୋଗିତା, ଭକ୍ତି ସଂଗୀତ ଗାନ ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ସମ୍ପ୍ରଦାୟର ମହାବୀର ପାରିଖ, ସଞ୍ଜୟ କୁମାର ଜୈନ, ରାଜେଶ କୁମାର ଜୈନ, ସଞ୍ଜୁ ଜୈନ, ମନିଷ ଡାକା, ଅବିନାଶ ବୈଦ, ମୟଙ୍କ ପାରିଖ, ମନୋଜ କୁମାର ଜୈନ, ତରୁଣ ଜୈନ, ସନ୍ଦିପ ଜୈନ, ରିତେଶ ଜୈନ, ମନିଷ ଜୈନ ପ୍ରମୁଖ ଉପସ୍ଥିତ ରହିବା ସହିତ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ମହାପୁରୁଷ ମହାବୀରଙ୍କ ଦେଶର ବିହାର ରାଜ୍ୟରେ ଜନ୍ମଗ୍ରହଣ କରିବା ସହିତ ଅହିଂସା, ଜୀବହତ୍ୟାକୁ ଧର୍ମ ବିରୋଧୀ କାର୍ଯ୍ୟ ଭାବେ ପ୍ରଚାରପ୍ରସାର କରିଥିଲେ। ଭାରତ ବର୍ଷରେ ମହାପୁରୁଷ ମହାବୀରଙ୍କୁ ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକ ଲୋକ ଜୈନ ସମ୍ପ୍ରଦାୟରେ ସାମିଲ ହୋଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



**ଗୁଣୁପୁର, ୨୧।୪(ସମିସ):** ଅବସରପ୍ରାପ୍ତ କଲ୍ୟାଣବିଭାଗଶିକ୍ଷକବୈଦ୍ୟନାଥରଥଙ୍କର ୮୧ ବର୍ଷ ବୟସରେ ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱର ଏମ୍ସରେ ହସ୍ପିଟାଲରେ ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ କର୍କଟ ଓ ହୃଦଘାତ୍ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସ୍ଥାନୀୟ କୁଜେନ୍ଦ୍ରି ଆଶ୍ରମ ବିଦ୍ୟାଳୟରେ ସେ ବହୁବର୍ଷ ଶିକ୍ଷକତା କରି ସୁନାମ ଅର୍ଜିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ବହୁ ଛାତ୍ର ମହଲରେ ଶୋକ ଦେଖାଦେଇଛି। ଜଣେ ନିଷ୍ଠାପର, ସମୟାନୁବର୍ତ୍ତିତା ଓ ରୋକଠୋକ୍ କହିପାରୁଥିବା ମଣିଷ ଭାବେ ସେ ଜଣାଶୁଣା ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## କଟାଘା' ରେ ଚୂନ: ଅସହ୍ୟ ତାତିକୁ ଅଘୋଷିତ ବିଦ୍ୟୁତ୍ କାଟ୍

**ନନ୍ଦପୁର,୨୧।୪(ସମିସ):** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଅସମ୍ଭାଳ ତାତିରେ ଲୋକେ ତ୍ରାହିତ୍ରାହି ଡାକୁଛନ୍ତି। ଏଭଳି ସ୍ଥିତିରେ ଅସହ୍ୟ ତାତିକୁ ଅଘୋଷିତ ବିଦ୍ୟୁତ୍ କାଟ୍ ସାଧାରଣ ଲୋକଙ୍କ ପାଇଁ କଟାଘା'ରେ ଚୂନ ସଦୃଶ ହୋଇଛି। ବିଦ୍ୟୁତ୍ ବିଭାଗ ଦ୍ୱାରା ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅସହ୍ୟ ତାତିରେ ସିଝୁଛନ୍ତି ଜନସାଧାରଣ। ଚଳିତ ବର୍ଷ ଉତ୍ତାପ ସବୁ ରେକର୍ଡ ପାର୍ କରିଥିବାବେଳ ଅଳ୍ପ ପବନ ଓ ଘଡ଼ଘଡ଼ି ବିଦ୍ୟୁତ୍ ବିଭାଗକୁ ଧରାଶାୟୀ କରିଛି। ତେବେ ଆଗକୁ ବର୍ଷା ଋତୁରେ ନନ୍ଦପୁର ବ୍ଲକରେ ବିଦ୍ୟୁତ୍ ସେବା କେତେ ସଜାଗ ରହିବ ଓ ଲୋକଙ୍କୁ ସେବା ଯୋଗାଇବାରେ କେତେ ସଫଳ ହେବ ତାକୁ ନେଇ ଏବେ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି। ଅନ୍ୟପଟେ ରବିବାର ଛୁଟି ଦିନରେ ପରିବାର ସହିତ ସମୟ ବିତାଇବା ସରକାରୀ କର୍ମଚାରୀ ମନସ୍ଥ କରିଥିବାବେଳେ ବିଦ୍ୟୁତ୍ କାଟରେ ଅତିଷ୍ଠ ହୋଇପଡ଼ିଛନ୍ତି। ଏନେଇ ସରକାର ଓ ବିଦ୍ୟୁତ୍ ବିଭାଗ ଗୁରୁତ୍ୱ ଦେବାକୁ ଦାବି ହୋଇଛି।



# ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ






**ମାଲକାନଗିରି/ନବରଙ୍ଗପୁର, ୨୧।୪(ସମିସ):** ମାଲକାନଗିରି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟାପକ ଡ. ରଞ୍ଜନ ସ୍ୱାଇଁ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାପତି ରବୀନ୍ଦ୍ର ମହାରଣା ଓ ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ମନରୋଞ୍ଜନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀ ଜଣେ କର୍ମବୀର ଥିଲେ ଓ ନିଜର କର୍ମ ବଳରେ ଅତି ସାଧାରଣ ଜୀବନରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇପାରିଥିଲେ। ଏକାଧାରରେ ସେ ଜଣେ ସମାଜ ସଂସ୍କାରକ, ଗାନ୍ଧୀବାଦୀ, ସ୍ୱାଧୀନତା ସଂଗ୍ରାମୀ, ରାଜନୀତିଜ୍ଞ ଓ ସରଳ ଅମାୟିକ ପ୍ରଶାସକ ଥିଲେ। ସେ ଓଡ଼ିଶା ଭୂସଂସ୍କାର ଆଇନ ପ୍ରଣୟନ ସହ ଶିକ୍ଷାର ବିକାଶରେ ସାମିଲ ହୋଇଥିଲେ। ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇ ଅବିଭକ୍ତ କୋରାପୁଟ ଅଞ୍ଚଳକୁ ଗୌରବାନ୍ୱିତ କରିଥିଲେ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ହରେକୃଷ୍ଣ କିର୍ତ୍ତନିଆ, ରଞ୍ଜନ ମହାନ୍ତିଙ୍କ ସମେତ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ସେହିପରି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ସଦାଶିବ ପାର୍କସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମହେଶ୍ୱରଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ନିର୍ବାହୀ ଅଧିକାରୀ ପୌରପାଳିକା ନବରଙ୍ଗପୁର ଶଙ୍କର କେରକେଟା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ପୌରପାଳିକାର କର୍ମଚାରୀ, ପୌରପାଳିକା ଉଚ୍ଚବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଡ. ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# କୋରାପୁଟରେ ଆଦିବାସୀ ପର୍ବ ଚଇତି ଆରମ୍ଭ



**ପୋଡ଼ାଗଡ଼,୨୧।୪(ସମିସ):** କୋରାପୁଟ ଜିଲ୍ଲାର ବିଭିନ୍ନ ଗ୍ରାମରେ ଆରମ୍ଭ ହୋଇଛି ଚଇତି ପର୍ବ। ଏହି ପର୍ବ ଆଦିବାସୀ ସମାଜର ବଡ଼ ପର୍ବ ବୋଲି ମାନନ୍ତି। ଏହି ପର୍ବ ୧୦ ଦିନ ଧରି ଚାଲିଥାଏ। ପ୍ରତ୍ୟେକ ଦିନ ଗାଁରେ ବାଜା ବଜାଇବା ସହିତ ଢେମସା ନାଚ କରି ମଜା କରିଥାଆନ୍ତି। ଏହା ଛଡ଼ା ରାସ୍ତାରେ ଗାଡ଼ି ଅଟକାଇ ଚୈତ୍ର ପଇସା ମାଗି ଗାଁ ଦାଣ୍ଡରେ ଭୋଜିଭାତର ଆସର ସହ ହାଣ୍ଡିଆ ପିଇ ଆଦିବାସୀ ପରମ୍ପରାର ବାଜା ବଜାଇ ଗୀତ ଗାଇ ସାହି ସାହିରେ ବୁଲି ନାଚ କରିଥାଆନ୍ତି। ଶେଷରେ ବେଣ୍ଟ(ଶିକାର)ରେ ଜଙ୍ଗଲକୁ ଯାଇ ଜିଅନ୍ତା ପକ୍ଷୀ ଆଣି ନିଶାଣୀମୁଣ୍ଡା ଦେବତା ପାଖରେ ଅର୍ପଣ କରନ୍ତି। ଶେଷରେ ବଡ଼ ବେଣ୍ଟ ବାହାରି ଜଙ୍ଗଲକୁ ଯାଇ ପଶୁପକ୍ଷୀ ଶିକାର କରି ଗାଁରେ ନାଚି ନାଚି ବୁଲନ୍ତି। ଉକ୍ତ ପଶୁକୁ ଦେବତା ପାଖରେ ଭୋଗ ଲଗାଇ ଖାଇଥାଆନ୍ତି। ଗାଁର ପୁରୁଖା ଲୋକଙ୍କ କହିବା ଅନୁଯାୟୀ, ରଜାରାଜୁଡ଼ା ଅମଳରୁ ଆଦିବାସୀ ପରମ୍ପରାରେ ଏହି ପର୍ବ ପାଳନ ହୋଇଥାଏ।

## ସାପ କାମୁଡ଼ାରେ ନାବାଳିକା ମୃତ

**ଟିକିରି,୨୧।୪(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଟିକିରି ଥାନା ଅନ୍ତର୍ଗତ ଗଡିସାହି ନୀଳ ମାଝୀଙ୍କ ୧୩ ବର୍ଷର ଝିଅ ସୁନିତା ମାଝୀଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଘରେ ଖେଳୁଥିବା ସମୟରେ ଡାହାଣ ଗୋଡ଼କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକେ ଉଖାପଡ଼ା ସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ହେବାରୁ କମ୍ପାନୀ ଆମ୍ବୁଲାନ୍ସରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ



ବୋଲି ସୂଚନା ମିଳିଛି। ୩ ଘଣ୍ଟା ପରିଶ୍ରମ କରି ସାପଧରାଳି ଖାନ ଭାଇ ଆସି ସାପଟିକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଦେଇଛନ୍ତି।

# ବ୍ୟାଙ୍କ୍ ଲୁଟ୍ ଉଦ୍ୟମ କରି ଦୁଇ ଗିରଫ

**କାକିରିଗୁମ୍ମା,୨୧।୪(ସମିସ):** କୋରାପୁଟ ଜିଲ୍ଲା କାକିରିଗୁମ୍ମା ସ୍ଥିତ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ଗତ ୧୪ ତାରିଖ ବିଳମ୍ବିତ ରାତିରେ ଲୁଟ୍ ଉଦ୍ୟମ କରିଥିବା ଦୁଇ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦୁଇ ଜଣ କାକିରିଗୁମ୍ମାର ଜୁଲୁ ବାଘ ଓ ପଦ୍ମ ଖିଲ ବୋଲି ଜଣାପଡ଼ିଛି। ଅଭିଯୁକ୍ତ ଦୁଇ ଜଣ ଗତ ୧୪ ତାରିଖ ରାତିରେ କୋରାପୁଟ-ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥ କଡ଼ରେ ଥିବା ୟୁଜିବି କାକିରିଗୁମ୍ମା ଶାଖାରୁ ତାଲା ଭାଙ୍ଗି ଟଙ୍କା ଲୁଟ୍ ନିମନ୍ତେ ଉଦ୍ୟମ କରିଥିଲେ। ବ୍ୟାଙ୍କ ସାଇରନ୍ ବାଜିବାରୁ ପୁଲିସ ଘଟଣାସ୍ଥଳରେ ପହଞ୍ଚିଯିବାରୁ ସେମାନେ ଫେରାର୍ ହୋଇଯାଇଥିଲେ। ବ୍ୟାଙ୍କ୍ ସିସିଟିଭି ଫୁଟେଜରୁ ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ସେମାନଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଓଡ଼ିଶା ରାଜ୍ୟ ଭୂତପୂର୍ବ ସୈନିକ ସଂଘର ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ



**ସୁନାବେଡା,୨୧।୪(ସମିସ):** ଓଡ଼ିଶା ରାଜ୍ୟ ଭୂତପୂର୍ବ ସୈନିକ ସଂଘ, କୋରାପୁଟ ଶାଖାର ବାର୍ଷିକ ସାଧାରଣ ବୈଠକ ରବିବାର ସୁନାବେଡ଼ା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୋବିନ୍ଦ ବଲ୍ଲଭ ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକର ଦ୍ୱିତୀୟ ଅଧିବେଶନରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଗୋବିନ୍ଦ ବଲ୍ଲଭ ପାଢ଼ୀ ସର୍ବସମ୍ମତି କ୍ରମେ ସଭାପତି ଭାବେ ମନୋନୀତ ହୋଇଥିବାବେଳେ ଆରକେ ପଣ୍ଡା ଉପସଭାପତି, ହେମନ୍ତ କୁମାର ମାଝୀ ସାଧାରଣ ସମ୍ପାଦକ, ପି କେ ସାହୁ ଯୁଗ୍ମ ସମ୍ପାଦକ, ଏସ କେ ଦାସ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏତଦ୍ ବ୍ୟତୀତ ନାରାୟଣ ମାର୍ଥା, ଏସ କେ ଧୁପାଲ, ଆରକେ କାଳିଆ, କନ୍ଧ ମହାରଣା ଓ ୟୁସି ଦାଶ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବରେ ଏବଂ ଜୟରାମ ସେନାପତି ଓ ଅନୀଲ ପଟ୍ଟନାୟକ ଉପଦେଷ୍ଟା ଭାବେ ମନୋନୀତ ହୋଇଥିବା ଜଣାଯାଇଛି।

## ଗ୍ରୀଷ୍ମକାଳୀନ ଭାରୋତ୍ତୋଳନ ଶିବିର ଆରମ୍ଭ

**ଉମରକୋଟ, ୨୧।୪(ସମିସ):** ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ୨୬ ସହରରେ ଗ୍ରୀଷ୍ମକାଳୀନ ଭାର ଉତ୍ତୋଳନ ଶିବିର ଆରମ୍ଭ ହୋଇଥିବାବେଳେ ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ମଧ ଏହା ଆରମ୍ଭ ହୋଇଛି। ଏହି ଶିବିର ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି। ପ୍ରତିଦିନ ସନ୍ଧ୍ୟାରେ ତାଲିମ ପ୍ରଦାନ କରାଯିବ। ଜାତୀୟ ଭାରୋତ୍ତୋଳନ ଚାମ୍ପିଅନ ନକୁଳ ସାନ୍ତାଙ୍କୁ ମୁଖ୍ୟ କୋଚ ଭାବେ ନିଯୁକ୍ତ କରାଯାଉଛି। କ୍ୟାମ୍ପ ପରେ ଭୁବନେଶ୍ୱରରୁ ଏକ ଟିମ କ୍ରୀଡ଼ାବିତ ଚୟନ ସହ ଭୁବନେଶ୍ୱରର କ୍ରୀଡା ହଷ୍ଟେଲରେ ରଖି ତାଲିମ ପ୍ରଦାନ କରାଯିବ ବୋଲି କ୍ରୀଡ଼ା ଶିକ୍ଷକ ସପନ ବୈରାଗୀ ସୂଚନା ଦେଇଛନ୍ତି। ଶ୍ରୀ ବୈରାଗୀଙ୍କ ସହ ଏମ୍ ବିଜୟ କୁମାର ମଧ ତାଲିମ ପ୍ରଦାନ କରୁଛନ୍ତି। ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୫୦ କ୍ରୀଡାବିତ୍ ଏଥିରେ ଭାଗନେବେ। ସେଥିମଧ୍ୟରୁ ୧୫୦ ପୁଅ ଓ ୧୦୦ ଝିଅ ଏହି କ୍ୟାମ୍ପରେ ଅଂଶଗ୍ରହଣ କରୁଛନ୍ତି।

# ମା' ବନଦୁର୍ଗାଙ୍କ ଅଗ୍ନିଯାତ୍ରା ଆରମ୍ଭ

**ଗୁଣୁପୁର,୨୧।୪(ସମିସ)**

ସ୍ଥାନୀୟ ବାଣୀଶ୍ରୀ ବିହାର ସ୍ଥିତ ମା' ବନଦୁର୍ଗାଙ୍କ ଅଗ୍ନିଯାତ୍ରା ଆରମ୍ଭ ହୋଇଛି। ୩ ଦିନ ଧରି ହେବାକୁ ଥିବା ଉକ୍ତ ଯାତ୍ରା ରବିବାର ମୁଖ୍ୟ ପୂଜକ ନିରଞ୍ଜନ ରଥଙ୍କ ଦ୍ୱାରା ମା'ଙ୍କ ନୀତିକାନ୍ତି, ମହାସ୍ନାନ, ଘଟହାଣ୍ଡି ମଙ୍ଗଳନ, ଖଣ୍ଡାପୂଜା, ଧୂପ, ଆଳତି, ଭୋଗ ଆଦି କାର୍ଯ୍ୟ କରାଯାଇଥିଲା। ଯାତ୍ରାକୁ ସରସସୁନ୍ଦର କରିବା ପାଇଁ ମନ୍ଦିର ପରିସର ସୁସଜ୍ଜିତ ଆଲୋକମାଳାରେ ଝଲସି ଉଠିଛି। ସନ୍ଧ୍ୟାରେ ମା'ଙ୍କ ପାଟଚାଙ୍ଗୁଡ଼ି, ଖଣ୍ଡା, ଘଟ ଆଦି ଡାମ୍ପ ବାଦ୍ୟରେ ସହର ପରିକ୍ରମା କରାଯାଇଛି। ବିଭିନ୍ନ ଅଞ୍ଚଳରୁ ମାନସିକଧାରୀ ଭକ୍ତମାନେ ଆସି ମା'ଙ୍କ ଆଶିଷ ଓ ସାନିଧ ଲାଭ ନିମନ୍ତେ ପୂଜାର୍ଚ୍ଚନା କରିଥିଲେ। ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ଯୁବଗୋଷ୍ଠୀମାନେ ସହଯୋଗ କରୁଛନ୍ତି। ପାଗ ଅନୁକୂଳ ପ୍ରତିକୂଳ ଥିବାରୁ ଭକ୍ତଙ୍କ ଭିଡ଼ ଜମିଥିଲା। ମୁଖ୍ୟ ପୂଜକ ନିରଞ୍ଜନ ରଥ, ବଡ଼ କୁଜେନ୍ଦ୍ରୀ ଗ୍ରାମର ଏସ୍ ରାମ ପୂଜାରୀ, ଆନ୍ଧ୍ରପ୍ରଦେଶ ଆପନ୍ନା, ରାଭି କୁମାର, କାମଲା, ଗଙ୍ଗାମ୍ମା, ବୁଜି ପ୍ରମୁଖ ପୂଜାର୍ଚ୍ଚନା ଦାୟିତ୍ୱରେ ରହିଛନ୍ତି।



# ଅମ୍ବାଦଳାରେ ପୁଲିସ ଓ ସିଆରପିଏଫ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ




**ମୁନିଗୁଡ଼ା,୨୧।୪(ସମିସ):** ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅଧୀନସ୍ଥ ଇଛାପୁର, ଅମ୍ଲାଭଟା, ଅମ୍ବାଦଳା, ରାଣୀପିଣ୍ଡା ପ୍ରଭୃତି ଅଞ୍ଚଳରେ ଏସଡିପିଓ ସନ୍ତୋଷିନୀ ଓରାମଙ୍କ ନିର୍ଦ୍ଦେଶ କ୍ରମେ ଆଇଆଇସି କଳ୍ପନା ବେହେରାଙ୍କ ନେତୃତ୍ୱରେ ଏଏସଆଇ ଉମାକାନ୍ତ ଶବର, ଏଏସଆଇ ପ୍ରଶାନ୍ତ ପାଢ଼ୀଙ୍କ ସମେତ ସମସ୍ତ ପୁଲିସ ଟିମ୍ ଏବଂ ଅଷ୍ଟମ ବାଟାଲିଅନ୍ ସିଆରପିଏଫ୍ ଫୋର୍ସଙ୍କ ମିଳିତ ଉଦ୍ୟମରେ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ବିଷମ କଟକ ନିର୍ବାଚନ ମଣ୍ଡଳୀର ଅତି ସମ୍ବେଦନଶୀଳ ଅମ୍ବାଦଳା ଅଞ୍ଚଳର ଏହିସବୁ ସମ୍ପୃକ୍ତ ଇଲାକାରେ ପୁଲିସ ସହ କେନ୍ଦ୍ରୀୟ ସୁରକ୍ଷା ବଳ ଫ୍ଲାଗ୍‌ମାର୍ଚ୍ଚ କରିବା ସହିତ ସାଧାରଣ ଲୋକଙ୍କୁ ନିର୍ଭୟର ବାର୍ତ୍ତା ବାଣ୍ଟିଥିଲେ। ଶାନ୍ତିଶୃଙ୍ଖଳା ବଜାୟରଖିବା ସହ ନିର୍ଭୟରେ ନିରପେକ୍ଷତା ମଧ୍ୟରେ ଭୋଟରମାନେ ସେମାନଙ୍କ ମତଦାନ କରିବା ସହିତ ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ୍ ହେବାକୁ ଆହ୍ୱାନ ଦେଇଥିଲେ। ସେଥିପାଇଁ ରବିବାର ପୂର୍ବାହ୍ଣରେ ସିଆରପିଏଫ ୮ମ ବାଟାଲିଅନ ତରଫରୁ ଶତାଧିକ ଯବାନ ଅମ୍ବାଦଳା ପୁଲିସ ନେତୃତ୍ୱରେ ଅମ୍ବାଦଳା ଶାନ୍ତି ଛକଠାରୁ ଆରମ୍ଭ କରି ଅମ୍ବାଦଳା ସହର ପରିକ୍ରମା ପରେ ପୁରୁଣା ଅମ୍ବାଦଳା ପାଇକ ସାହି, ଦଳିତ ସାହି ବଡ଼ପଡ଼ା, ଇନ୍ଦିରା ପଡ଼ା ପ୍ରଭୃତି ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ଓ ସାଧାରଣ ଲୋକଙ୍କ ମନରେ ସଚେତନତା ସୃଷ୍ଟି କରିଥିଲେ। ପରେ ରାଣୀପିଣ୍ଡା ଗ୍ରାମରେ ପହଞ୍ଚି ଯବାନମାନେ ଗଣତନ୍ତ୍ରର ଏହି ମହାପର୍ବ ଆଗାମୀ ନିର୍ବାଚନରେ ଶାନ୍ତି ଶୃଙ୍ଖଳା, ନିରପେକ୍ଷ ଓ ନିର୍ଭୟର ସହ ଭାଗନେବାକୁ ଆହ୍ୱାନ ଦେଇଥିଲେ। ପୃଥିବୀର ସର୍ବବୃହତ୍ ଗଣତନ୍ତ୍ର ଆମ ଦେଶ ଭାରତ ବର୍ଷରେ ଏହି ସାଧାରଣ ତନ୍ତ୍ର ବିଧି ବ୍ୟବସ୍ଥାକୁ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ମାଧମରେ ଆୟୋଜିତ କରି ବିଶ୍ୱକୁ ଗଣତନ୍ତ୍ରର ଗୌରବମୟ ପରମ୍ପରା ସମ୍ପର୍କରେ ଆମ ଦେଶର ଦର୍ଶନକୁ ପ୍ରତିପାଦିତ କରିପାରିବା ବୋଲି ସିଆରପିଏଫ୍ ତରଫରୁ କୁହାଯାଇଛି।

## ରାମଲାଲାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ତେନ୍ତୁଳିଖୁଣ୍ଟି, ୨୧।୪(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଚରମୁଲାରେ ରାମ ଲାଲାଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆଡ଼ମ୍ବର ସହକାରେ ସମାପନ ହୋଇଯାଇଛି। ପୁରୁଷୋତ୍ତମ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ଗତ ୧୯ରୁ ଆରମ୍ଭ ହୋଇଛି କାର୍ଯ୍ୟକ୍ରମ। ଶୁକ୍ରବାର ଅପରାହ୍ଣ ସମୟରେ କଳସ ଯାତ୍ରା କରି ଶନିବାରଠାରୁ ନାମଯଜ୍ଞ ଅନୁଷ୍ଠିତ ହୋଇ ରବିବାର ରାମ-ସୀତାଙ୍କ ବିବାହ କାର୍ଯ୍ୟକ୍ରମ ସାଙ୍ଗକୁ ବିଗ୍ରହ ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବିବାହ କାର୍ଯ୍ୟକ୍ରମରେ ବରପକ୍ଷ ଭାବରେ ଆର ଦିନେଶ କୁମାର ଓ ତାଙ୍କ ଧର୍ମ ପତ୍ନୀ ଅହଲ୍ୟା ରହିଥିବାବେଳେ କନ୍ୟାପକ୍ଷ ଭାବେ ପି. ତ୍ରିନାଥ ନାଇଡୁ ଏବଂ ତାଙ୍କ ଧର୍ମପତ୍ନୀ ପି. ନାଗାରତ୍ନମ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଶ୍ରୀରାମ ମନ୍ଦିର ପରିଚାଳନା କମିଟି ତଥା ଚରାମୁଳା ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଉପସ୍ଥିତ ସମସ୍ତ ଭକ୍ତଙ୍କ ପାଇଁ ଅନ୍ନଯଜ୍ଞର ଆୟୋଜନ କରାଯାଇଥିଲା। ରାମଲାଲାଙ୍କ ଦର୍ଶନ ପାଇଁ ଆସିଥିବା ହଜାର ହଜାର ସଂଖ୍ୟକ ଭକ୍ତ ପୁରୁଷୋତ୍ତମ ଶ୍ରୀରାମଙ୍କ ଦର୍ଶନ ସାଙ୍ଗକୁ ଅନ୍ନଯଜ୍ଞରେ ସାମିଲ ହୋଇ ପ୍ରଭୁ କୃପା ଲାଭ କରିଥିଲେ। ଶେଷରେ ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିରରେ ବିଭିନ୍ନ କାରୁକାର୍ଯ୍ୟ ଏବଂ ରାମ-ସୀତାଙ୍କ ବିଗ୍ରହ ବେଶ୍ ଆକର୍ଷଣୀୟ ହେବା ସାଙ୍ଗକୁ ଭକ୍ତଙ୍କ ମନ ମୋହିଥିଲା।

### ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ମେ' ୧୭ରୁ ଆରମ୍ଭ ହେବ ରବି ମଣ୍ଡି

**ରାୟଗଡ଼ା, ୨୧।୪(ସମିସ)**



ରବି ଋତୁ ଧାନ କିଣାବିକା ପାଇଁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ଅଧ୍ୟକ୍ଷ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମେ'୧୭ ତାରିଖରୁ ରାୟଗଡ଼ା ଜିଲ୍ଲାରେ ରବିଋତୁର ଧାନକ୍ରୟ ନିମନ୍ତେ ମଣ୍ଡି ଆରମ୍ଭ କରାଯିବାକୁ ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ ଦାଶରଥୀ ସୋରେନ ଗତ ୨୦୨୩-୨୪ ଆର୍ଥିକ ବର୍ଷର ଖରିଫ ଋତୁ ଫସଲ ଲକ୍ଷ୍ୟ ଧାର୍ଯ୍ୟକୁ ନେଇ ସଂଗ୍ରହ ହୋଇଥିବା ଧାନ ଓ ଚାଉଳ ସମ୍ପର୍କରେ ଉପସ୍ଥାପନା କରିଥିବା ବେଳେ ଗତ ୨୦୨୨-୨୩ ଆର୍ଥିକ ବର୍ଷର ରବି ଋତୁରେ ଜିଲ୍ଲାକୁ ମିଳିଥିବା ଲକ୍ଷ୍ୟ ଧାର୍ଯ୍ୟ, ଧାନ କିଣାବିକା ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନା କରିଥିଲେ। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷର ରବି ଫସଲର ଧାନ କିଣାବିକାକୁ ନେଇ ୨୩୭ଜଣ କୃଷକ ନିଜ ନାମ ପଞ୍ଜିକୃତ କରିଥିବା ବେଳେ ଏଥିରେ ୧୧୦ ଜଣ ନୂଆ ଏବଂ ୧୨୭ ଜଣ କୃଷକ ନିଜ ନବୀକରଣ କରିଥିବା ଜଣାପଡ଼ିଛି। ବିଷମକଟକ, ଗୁଡାରୀ, କଲ୍ୟାଣସିଂହପୁର, କୋଲନରା, ମୁନିଗୁଡା, ରାମନାଗୁଡା, ରାୟଗଡ଼ା ୭ଟି ଲ୍ୟାମ୍ପସ ଓ ରାୟଗଡ଼ାର ଗୋଟିଏ ଏମପିସିଏସକୁ ମିଶାଇ ମୋଟ ୮ଟି ପାକ୍ସ ମାଧ୍ୟମରେ ଧାନ କ୍ରୟ କରାଯିବ ବୋଲି ଶ୍ରୀ ସୋରେନ କହିଥିବା ବେଳେ ବର୍ତମାନ ସୁଦ୍ଧା ସରକାରଙ୍କ ତରଫରୁ ଜିଲ୍ଲାର ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ତୁଳନାରେ ଚାଉଳ ସଂଗ୍ରହକୁ ନେଇ କୌଣସି ଲକ୍ଷ୍ୟ ଧାର୍ଯ୍ୟ ହୋଇ ନ ଥିବା ପ୍ରକାଶ କରିଥିଲେ। ବୈଠକରେ ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ମଣ୍ଡି ପରିଚାଳନ ଦାୟିତ୍ୱ ମିଲର୍ସମାନେ ତୁଲେଇବେ ବୋଲି ନିଷ୍ପତ୍ତି ନିଆଯାଇଛି। ଉପରୋକ୍ତ ପାକ୍ସଗୁଡିକରେ ପୂର୍ବ ବର୍ଷ ଭଳି ବିଭିନ୍ନ ବାର ଅନୁଯାୟୀ ଧାନ କ୍ରୟ କରାଯିବାକୁ ଥିବା ବେଳେ କେବଳ ରାମନଗୁଡା ବ୍ଲକର ଚାକୁଣ୍ଡା ଆରଏମସି ୟାର୍ଡରେ ଶୁକ୍ରବାର ସମେତ ପ୍ରତି ସପ୍ତାହର ବୁଧବାରରେ ମଧ୍ୟ ଚଳିତ ଥର ଧାନ କ୍ରୟ ପାଇଁ କୃଷକ ପ୍ରତିନିଧି ପ୍ରସ୍ତାବ ରଖିଥିଲେ। ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ଧାନ କିଣା ସମୟରେ ଚାଷୀଙ୍କୁ ମଣ୍ଡିରେ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମେ'ମାସର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମଣ୍ଡିଗୁଡିକରେ ଚାଷୀଙ୍କ ନିମନ୍ତେ ପାନୀୟଜଳ ସୁବିଧା, ବିଶ୍ରାମ ନେବା ପାଇଁ ଛାଇର ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା ଏବଂ ନିୟମିତ ଭାବେ ଶୌଚାଳୟକୁ ସଫାସୁତୁରା ରଖିବାର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲ୍ଲାପାଳ କଲ୍ୟାଣ ସଂଘମିତ୍ରା ଦେବୀଙ୍କ ସମେତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମନୋଜ ପ୍ରଧାନ, ରାୟଗଡ଼ା ଓ ଗୁଣପୁର ଆରଏମସି ସମ୍ପାଦକ, ଚାଷୀ ଓ ମିଲର୍ସ ପ୍ରତିନିଧିଙ୍କ ସମେତ ଅନ୍ୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଅଖିଳ ଭାରତ ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ



**ଜୟପୁର,୨୧।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର ପୁରୁଣାଗଡ଼ ସ୍ଥିତ ଅନୁରାଧା ଭବନରେ ଦୁଇଦିନିଆ ଅଖିଳ ଭାରତ ତୃତୀୟ ଶ୍ରେଣୀ ଡାକ କର୍ମଚାରୀ ସଂଘର ଓଡ଼ିଶା ପରିମଣ୍ଡଳ ଏବଂ କୋରାପୁଟ ମଣ୍ଡଳର ଯୁଗ୍ମ ଦ୍ୱିବାର୍ଷିକ ସମ୍ମିଳନୀ ରବିବାର ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ତୃତୀୟ ଶ୍ରେଣୀ ସଂଘର ସଭାପତି ପ୍ରଦିପ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ରବିବାର କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ପୂର୍ବତନ ଡାକପାଳ ଭାସ୍କର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲାବେଳେ ସଂଘର ପୂର୍ବତନ ସର୍ବଭାରତୀୟ ଉପସଭାପତି ରମେଶ ଚନ୍ଦ୍ର ମିଶ୍ର ସମ୍ମିଳନୀକୁ ଉଦଘାଟନ କରିବା ସହିତ କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କର୍ମଚାରୀ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଏହିପରି କ୍ରମାଗତ ଦରବୃଦ୍ଧି, ବେକାରୀ ସମସ୍ୟା, ହିଂସା, ଅପରାଧ, ନାରୀ ନିର୍ଯାତନା ସହ ଗଣତନ୍ତ୍ର ଓ ସମ୍ବିଧାନ ଆଜି ଦେଶ ଅସୁରକ୍ଷିତ ବୋଲି ନିଜ ବକ୍ତବ୍ୟ ମାଧ୍ୟମରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଏହିପରି ଦାୟିତ୍ୱସମ୍ପନ୍ନ ନାଗରିକ ହିସାବରେ ପ୍ରତ୍ୟେକ କର୍ମଚାରୀ ସଚେତନ ହୋଇ ଆଗାମୀ ସାଧାରଣ ନିର୍ବାଚନରେ ସଠିକ ନିଷ୍ପତ୍ତି ନେବାକୁ ଆହ୍ୱାନ କରାଯାଇଥିଲା।

ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ସିଟି କୋର୍ଡିନେସନ କମିଟିର ସମ୍ପାଦକ ପ୍ରମୋଦ ମହାନ୍ତି ଯୋଗଦେଇ ଡାକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ବିବରଣୀ ରଖିବା ସହିତ ଏହାର ସମାଧାନ ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘର ରାଜ୍ୟ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ବୃହସ୍ପତି ସାମଲ ଯୋଗଦେଇ କେନ୍ଦ୍ର ସରକାରଙ୍କ କର୍ମଚାରୀ ମାରଣ ନୀତିର ତୀବ୍ର ବିରୋଧ କରି ନୂତନ ପେନସନ ଯୋଜନାର ସମ୍ପୂର୍ଣ୍ଣ ଉଚ୍ଛେଦ ସହ ପୁରୁଣା ପେନସନ ଯୋଜନାର ପୁନଃପ୍ରଚଳନ, ଅଷ୍ଟମ ବେତନ ଆୟୋଗ ଗଠନ ଇତ୍ୟାଦି ଦାବି କରିଥିଲେ। ଅନ୍ୟତମ ବକ୍ତା ଭାବେ ଅଖିଳ ଭାରତ ପୋଷ୍ଟମ୍ୟାନ ଓ ଏମଟିଏସ ସଂଘର ରାଜ୍ୟ ସମ୍ପାଦକ ତଥା ସର୍ବଭାରତୀୟ ଉପସଭାପତି ଏମ.ଚନ୍ଦ୍ରଶେଖର ରାଓ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ଅଭ୍ୟର୍ଥନା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହିପରି ଆଗାମୀ ଦୁଇବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚିତ କରାଯାଇଥିଲା। ଏଥିରେ ସଭାପତି ଭାବେ ଚନ୍ଦ୍ରଶେଖର ସିଂ, ସମ୍ପାଦକ ଭାବେ ରାଜେଶ ବହିଦାର ଓ କୋଷାଧ୍ୟକ୍ଷ ଭାବେ ସୁରଥ କୁମାର ଖୁଣ୍ଟିଆଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସେହିପରି ଚତୁର୍ଥ ଶ୍ରେଣୀ ସଂଘର ବିଭିନ୍ନ ପଦରେ ମଧ୍ୟ ମନୋନୀତ କରାଯାଇଛି। ଶେଷରେ କୋରାପୁଟ ମଣ୍ଡଳର ସମ୍ପାଦକ ଅମୀୟ ରଞ୍ଜନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାର ପୂର୍ଣ୍ଣଚନ୍ଦ୍ର ମହାରଣା, ନୀଳାମ୍ବର ନାୟକ, ଗୀତା ଜୟନ୍ତୀ ପାତ୍ର ପ୍ରମୁଖ ସହଯୋଗରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ବିଦେଶୀ ମଦ ସହ ଜଣେ ଗିରଫ

**କୋଷାଗୁମୁଡ଼ା, ୨୧।୪(ସମିସ):** ନବରଙ୍ଗପୁର ଜିଲ୍ଲାପାଳ ଡ. କୋମଳ ଲୋଚନ ମିଶ୍ର ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମାଙ୍କ ନେତୃତ୍ୱରେ ନିର୍ବାଚନ ଆଚରଣ ବିଧି ଲାଗୁ ପରେ ଜିଲ୍ଲାର ପ୍ରତ୍ୟେକ ସ୍ଥାନ ଏବଂ ରାଜ୍ୟ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଚଢଉ ସହ ଅଭିଯୁକ୍ତକୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ହୋଇଛି। ଏହାକୁ ଦୃଷ୍ଟିରେ ରଖି କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବରଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ବିକ୍ରମ କେଶରୀ ସାହୁ ଏବଂ ତାଙ୍କ ଟିମ ବିଶେଷ ଖବର ପାଇ ମଦେଗାଁର ଏକ ଦୋକାନରୁ ଅଭିଯୁକ୍ତଙ୍କ ସହ ୧୬ ଲିଟର ବିଦେଶୀ ମଦକୁ ଜବତ କରିଛନ୍ତି। ଅଭିଯୁକ୍ତକୁ ଗିରଫ କରାଯାଇଛି। ଏହି ଅଭିଯୁକ୍ତ ମଦେଗାଁର କୈଳାସ ସିଂ ପାତ୍ର(୩୭) ବୋଲି ଜଣାପଡ଼ିଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ଯୁଗଳ ଶବର କହିଛନ୍ତି।

## ମା' ମଝିଘରିଆଣୀଙ୍କ ଚୈତ୍ରପର୍ବ; ମା'ଙ୍କ ଘଟ ପରିକ୍ରମା



**ରାୟଗଡ଼ା, ୨୧।୪(ସମିସ):** ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ପ୍ରସିଦ୍ଧ ଚୈତ୍ରପର୍ବ ଓ ଝାମୁଯାତ୍ରାର ରବିବାର ଥିଲା ତୃତୀୟ ଦିନ। ଶନିବାର ସକାଳେ ସୂର୍ଯ୍ୟପୂଜା, ଶାଳ ପୂଜା, ମୁଖ୍ୟ ଦେବୀଙ୍କ ଷୋଡ଼ଶ ଉପଚାର ପୂଜା, ମହାସ୍ନାନ ମହାପୂଜା, ଆରତି, ପୁଷ୍ପାଞ୍ଜଳି ଏବଂ ଅପରାହ୍ନରେ ଚଣ୍ଡି ହୋମ, ଆରତି ଓ ପୁଷ୍ପାଞ୍ଜଳି ପୂଜାବିଧି ପାଳନ କରାଯାଉଥିବା ବେଳେ ସୋମବାର ୨୨ତାରିଖ ପର୍ଯ୍ୟନ୍ତ ଉକ୍ତ ପୂଜାର୍ଚ୍ଚନା ଅନୁଷ୍ଠିତ ହେବ। ସେହିପରି ଶନିବାର ସନ୍ଧ୍ୟାରୁ ମା'ଙ୍କ ଘଟର ଗ୍ରାମ ପରିକ୍ରମା କରାଯାଉଛି। ଏହି ଘଟ ଆସନ୍ତା ମଙ୍ଗଳବାର ଦିନ ଯାଏଁ ଜାରି ରହିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ମା'ଙ୍କ ଚୈତ୍ର ପର୍ବ ନିମନ୍ତେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶହ ଶହ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଥିବା ବେଳେ ମନ୍ଦିର କମିଟି ପକ୍ଷରୁ ଭକ୍ତ ତଥା ଶ୍ରଦ୍ଧାଳୁମାନଙ୍କ ପାଇଁ ମା'ଙ୍କ ସୁନାବେଶ ଦର୍ଶନ ବ୍ୟବସ୍ଥାକୁ ସୁଗମ କରାଯାଇଛି। ଆସନ୍ତା ମଙ୍ଗଳବାର ୨୩ତାରିଖରେ ମା'ଙ୍କ ଝାମୁଯାତ୍ରା ପାଇଁ ଅଗ୍ନି ସଂଯୋଗ କରାଯାଇ ରାତ୍ରରେ ପୂଜକଙ୍କ କଣ୍ଟାଦୋଳି ଝୁଲଣ ଏବଂ ଅଗ୍ନି ଗମନାଗମନ ଏବଂ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଶେଷ ହେବା ସହ ଚରୁ ବିତରଣ କରାଯିବ।

## କାଳବୈଶାଖୀ ବର୍ଷା ପରେ ସାମାନ୍ୟ ଆଶ୍ୱସ୍ତି



**ବିଷମ କଟକ, ୨୧।୪(ସମିସ):** ରାୟଗଡ଼ା ଜିଲ୍ଲା ବିଷମ କଟକ ସହରରେ କାଳବୈଶାଖୀ ବର୍ଷା ଦେଲା ଗ୍ରୀଷ୍ମରୁ ସାମାନ୍ୟ ଆଶ୍ୱସ୍ତି। ଗତ ୪ ଦିନ ଧରି ବିଷମ କଟକ ସହରରେ ପାରଦ ଉପରମୁହାଁ ହୋଇ ରହିଥିବାବେଳେ ୪୧ ଡିଗ୍ରୀ ଉପର ତାପମାତ୍ରାରେ କଲବଲ କରୁଥିଲା ସହରବାସୀଙ୍କୁ। ରବିବାର ଅପରାହ୍ନରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ପ୍ରଚଣ୍ଡ ଗ୍ରୀଷ୍ମ ତାପରୁ ଟିକିଏ ଆଶ୍ୱସ୍ତି ପାଇଛନ୍ତି ବିଷମ କଟକ ସହର ସମେତ ବ୍ଲକର ଅଞ୍ଚଳବାସୀ। ବର୍ଷା ପବନ ଫଳରେ ପାଗରେ ସାମାନ୍ୟ ପରିବର୍ତ୍ତନ ହୋଇଥିବାରୁ ସହରବାସୀ ଆଶ୍ୱସ୍ତି ଲାଭ କରିଛନ୍ତି। ବର୍ଷା ପ୍ରଭାବରେ ତାପମାତ୍ରା ଖସିଯାଇଛି। ପ୍ରବଳ ତାତିରୁ ଜନସାଧାରଣ ଆଶ୍ୱସ୍ତୀ ପାଇଛନ୍ତି।

## ଆଇନ ସଚେତନତା କାର୍ଯ୍ୟକ୍ରମ

**ଗୁଣୁପୁର, ୨୧।୪(ସମିସ):** ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ବିକ୍ରମପୁରଠାରେ ଗୁଣୁପୁର ଅତିରିକ୍ତ ଜିଲ୍ଲା ଦୌରା ଜଜଙ୍କ କାର୍ଯ୍ୟାଳୟର ତାଲୁକ ଲିଗାଲ ସହାୟତା କମିଟି ତରଫରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଦୌରା ଜଜ ଶେଖ ମହମ୍ମଦ କଇସି, ସବଜଜ ସନ୍ତୋଷ କୁମାର ମହାପାତ୍ର, ଏସଡିଜେଏମ ଶାନ୍ତଶ୍ରୀ ମହାନ୍ତି, ପ୍ରଥମ ଶ୍ରେଣୀ ବିଚାରପତି ଦେବାନ ସତ୍ୟଦର୍ଶୀ ନନ୍ଦ, ଓକିଲ ସଙ୍ଘ ସଭାପତି ଦେବୀ ଆଚାର୍ଯ୍ୟ, ସାହାରା ପରିବାର ପରାମର୍ଶକେନ୍ଦ୍ରର ସଚିବ ପ୍ରମୋଦ ସାହୁ, ବରିଷ୍ଠ ଆଇନଜୀବୀ ଉମା ପଟନାୟକ, ଇନ୍ଦ୍ରାକ୍ଷୀ ଦାସ, ସୂରଜ ପାତ୍ର, ରମେଶ ଲିମା ଯୋଗ ଦେଇଥିଲେ। ଏକଲବ୍ୟ ବିଦ୍ୟାଳୟର ଅଧ୍ୟକ୍ଷ ଅନନ୍ତ ତ୍ରିପାଠୀ ଆଇନ ଉପରେ ବିଚାରପତିଙ୍କ ମତ ଗ୍ରହଣୀୟ ବୋଲି କହିଥିଲେ।




# ଚଇତି ପରବରେ ଲୁଙ୍ଗୁରି ଗ୍ରାମ ଉତ୍ସବମୁଖର



**ସେମିଳିଗୁଡ଼ା,୨୧।୪(ସମିସ)**

କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ଲୁଙ୍ଗୁରି ଗ୍ରାମରେ ଭୈରବୀ ମା' ମାଉଁଳି ମନ୍ଦିର ନିକଟରେ ଆଦିବାସୀମାନେ ଅନେକ କାଳରୁ ସଂସ୍କୃତି, ପରମ୍ପରା ଓ ପୂଜାପାର୍ବଣକୁ ଜାବୁଡ଼ି ଧରିଛନ୍ତି। ଫଳରେ ଚଇତି ପରବରେ ଲୁଙ୍ଗୁରି ଗ୍ରାମ ଉତ୍ସବମୁଖର ହୋଇଉଠିଛି। ଆଦିବାସୀ ସମ୍ପ୍ରଦାୟର ପୂଜାପାର୍ବଣ ମଧ୍ୟରୁ ଚଇତି ପରବ ଅନ୍ୟତମ। ଚୈତ୍ର ଫଗୁଣରେ ଏହା ଆମନ୍ତ୍ରିତ କରାଯାଏ। ପୁଣି ନୂଆ ଜହ୍ନ ଉଇଁବା ସହ ପ୍ରତି ଗାଁରେ ପରବ ପାଳିବାର ପ୍ରାଥମିକ ପ୍ରସ୍ତୁତି ଏକ ପ୍ରକାର ଆରମ୍ଭ ହୋଇଯାଇଥାଏ। ପରମ୍ପରା କ୍ରମେ ପରବ ଆରମ୍ଭରୁ ଶେଷ ଯାଏଁ କୌଣସି କାର୍ଯ୍ୟ କରା ନ ଯିବାର ନିୟମ ଥିବାରୁ ପୂର୍ବରୁ ହିଁ ଘରଦ୍ୱାର ଲିପାପୋଛା, ନୂଆ ଲୁଗାକିଣା, ପୂଜା ପାଇଁ ବିଭିନ୍ନ ସାମଗ୍ରୀ ଯୋଗାଡ଼ ଜୋରସୋରରେ ଚାଲିଥିଲା। ଆଦିବାସୀ ହାଟ ବଜାରରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପରବ ଆରମ୍ଭ ହେବାକ୍ଷଣି ନିଜ ନିଜ ଗ୍ରାମଦେବୀ ବା ହୁଣ୍ଡି ଠାକୁରାଣୀ ନିକଟରେ ବିଧିବିଧାନ ପୂର୍ବକ ପରବ ପାଳନର ଅୟମାରମ୍ଭ ହୋଇଥିଲା। ଏହା ସାଙ୍ଗକୁ ଘରେ ଘରେ ଆମ୍ବ, ମହୁଲ ନୂଆଖିଆ ପାଳିତ ହୋଇଥିଲା। ଚଇତି ପରବ ସହିତ ଜଡ଼ିତ ପ୍ରାଚୀନ ପରମ୍ପରା ବେଣ୍ଟ ବା ଶିକାର ଏହି ଚଇତି ପରବର ଅନ୍ୟ ଏକ ଆକର୍ଷଣ। ଜଙ୍ଗଲ ଅଭାବରୁ ବେଣ୍ଟ ଏକ ଔପଚାରିକତା ହୋଇ ରହିଯାଇଛି। ତଥାପି ସାରା ରାତି ବେଣ୍ଟ ଯାତ୍ରା ପାଳିବାରେ ଆଦିବାସୀ ସମ୍ପ୍ରଦାୟ ପଛଘୁଞ୍ଚା ଦେଇନାହାନ୍ତି। କେତେକ ଜାଗାରେ ବେଣ୍ଟ ପାଇଁ ଶିକାର କରିବାକୁ ଯାଇ ଖାଲି ହାତରେ ଫେରିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। କୋରାପୁଟ ଜିଲ୍ଲାର ସେମିଳିଗୁଡ଼ାର ସମସ୍ତ ଦେବଦେବୀଙ୍କ ପୀଠରେ ଚଇତି ପରବ ଉତ୍ସାହ ଓ ଉଦ୍ଦିପନାର ସହ ପାଳିତ ହେଉଛି। ଏହି ଅବସରରେ ବିଭିନ୍ନ ଦେବଦେବୀଙ୍କ ପୀଠରେ ହଜାର ହଜାର ଭକ୍ତ ବଳି ଦେଉଥିବା ଦେଖିବାକୁ ମିଳିଛି। ଦିସାରୀଙ୍କ ପରାମର୍ଶ ଅନୁଯାୟୀ, ଭିନ୍ନ ଭିନ୍ନ ଗାଁରେ ଭିନ୍ନ ଭିନ୍ନ ସମୟରେ ଚଇତି ପରବ ପାଳନ କରାଯାଉଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ ଯେ, ଚୈତ୍ର ପରବ ଦିନ ହିଁ ଏହି ପରବର ସମାପ୍ତ ଘଟିଥାଏ। ପ୍ରତି ଗାଁର ଛକମାନଙ୍କରେ ଏବେ ମହିଳାମାନେ ପାଜର ମାଗୁଥିବାର ଦୃଶ୍ୟ ଦେଖିବାକୁ ମିଳେ। ଆମକୁ ପାଜର ଦିଆ ନ ହେଲେ ଆମେ ବାଟ ଛାଡ଼ିବୁ ନାହିଁ ବୋଲି ଜିଦ୍ ଧରି ବସନ୍ତି। ଏଥିରେ ସରକାରୀ ବେସରକାରୀ ବାବୁ ହୁଅନ୍ତୁ ପଛେ ଆଦିବାସୀ ମହିଳାଙ୍କୁ ପାଜର(ଟଙ୍କା) ଦେବାକୁ ବାଧ୍ୟ ହୋଇଥାନ୍ତି। ମହିଳାମାନେ ଯାହା ଟଙ୍କା ଆଦାୟ କରିଥାନ୍ତି ଓ ପୁରୁଷମାନେ ବେଣ୍ଟ ଶିକାର କରି ଯାହା ଆଣନ୍ତି ତାକୁ ନେଇ ଗାଁରେ ଏକ ବିରାଟ ଭୋଜିର ଆୟୋଜନ ହୋଇଥାଏ। ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଏହି ପରବରେ ମସଗୁଲ ଥାଆନ୍ତି। ଏହି ପରବ ଆଦିବାସୀଙ୍କ ବିବାହ ଓ ମିଳନର ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ। ମା' ଭୈରବୀ ପୂଜା କମିଟିର ସଭାପତି ଧନପତି ସୁଙ୍ଗାଡ଼ି, ଉପସଭାପତି ଧନ ଡୁମାରି, କୋଷାଧ୍ୟକ୍ଷ ସନ୍ତୋଷ ଗୋଲରୀ, ଡି. କ୍ରିଶାନୀ, ଜଗୁ ସୁଙ୍ଗାଡ଼ି ଚଇତି ପର୍ବରେ ସହଯୋଗ କରିଥିଲେ।

## କୋଷାଗୁମୁଡ଼ାରେ ପାରମ୍ପରିକ ଚୈତ୍ର ପର୍ବ ପାଇଁ ପୂଜାର୍ଚ୍ଚନା

**କୋଷାଗୁମୁଡ଼ା, ୨୧।୪(ସମିସ):** କୋଷାଗୁମୁଡ଼ାରେ ପାରମ୍ପରିକ ଚୈତ୍ର ପର୍ବ ପାଇଁ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ାରେ ରବିବାର ଓସ୍ତା ଚିତ୍ରା ତିଥିରେ ଅବା ପୂର୍ଣ୍ଣିମାର ଦୁଇ ଦିନ ପୂର୍ବରୁ ବିହନ ପୂଜା ବର୍ଷକୁ ଥରେ ପୂଜା କରାଯାଏ। ଏହି ପୂଜାର ୫ଦିନ ପରେ ଗ୍ରାମର ଇଷ୍ଟ ଦେବତା ଶ୍ରୀ ଶ୍ରୀ ରାଜଚଉଁରିଆ ଦେବଙ୍କ ଚୈତ୍ର ପର୍ବ ତଥା ଆମ୍ବ ନୂଆଖାଇ ପର୍ବ ପାଳିତ ହୋଇଥାଏ। ଏହି ଚୈତ୍ର ପର୍ବରେ ଖୁସିରେ ରାସ୍ତା ଅବରୋଧ କରି ମହିଳା, ପୁରୁଷ ଏବଂ ଛୋଟ ପିଲାଙ୍କୁ ନେଇ ଫାଜର (ଦୌଡ଼ି କିମ୍ବା ବାଉଁଶ ଲାଠି ରଖି ଟଙ୍କା) ଆଦାୟ କରନ୍ତି। ଏହି ପୂଜାକୁ ରାଜଚଉଁରିଆଙ୍କ ମାଟିପୂଜା ଭାବରେ ବହୁ ଆଦିମ କାଳରୁ ଅଧିବାସୀମାନେ ପାଳନ କରିଆସୁଛନ୍ତି। ଏହି ପୂଜାର ପ୍ରାରମ୍ଭ କେଉଁ ଆବହମାନ କାଳରୁ ଲୋକ ପରମ୍ପରା ଅନୁସାରେ ଚାଲିଆସିଛି। ଏହି ପୂଜା ବର୍ଷକୁ ଥରେ ଗ୍ରାମକୁ ଓ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ, ସମ୍ପଦ, ଧନଧାନ୍ୟ, ଚାଷ, ଅଭାବ, ଅନାଟନ, ଦୁର୍ବିପାକଠାରୁ ସୁରକ୍ଷା ପ୍ରଦାନ କରିବାକୁ ଶ୍ରୀ ରାଜଚଉଁରିଆଙ୍କ ମାଟିପୂଜା ସହ ଚୈତ୍ରବଜାର ଆସନ୍ତା ଶୁକ୍ରବାର ଅନୁଷ୍ଠିତ କରାଯିବ ବୋଲି ମନ୍ଦିର ପୂଜାରୀ କହିଛନ୍ତି। ଏହି ପୂଜା କାର୍ଯ୍ୟକ୍ରମରେ ମୂଖ୍ୟ ପୂଜାରୀ ଖଗପତି ପୂଜାରୀ, ସଂସାଇଁ ଗୌଡ଼, ପ୍ରହ୍ଲାଦ ରନ୍ଧାରୀ, ପରମନାଥ ପୂଜାରୀ, ଘୋରା ସରାବୁ, ଧନୁର୍ଜୟ ମହଲାକରିୟା, ମୂରଲୀ ବିଶୋଇ, ମଧୁସୂଦନ ଭତ୍ରା, ରାମ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଅଭିଯୋଗକାରୀଙ୍କୁ ଉଦ୍ଧାର ସୁନାଅଳଙ୍କାର ଫେରାଇଲା ପୁଲିସ



**ଜୟପୁର,୨୧।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର ପି.ଆର. ପେଟା ଛକ ନିକଟରେ ଘରର ବାଡ଼ି ପଟେ ତାଲା ଭାଙ୍ଗି ପ୍ରବେଶ କରିବା ସହିତ ଟଙ୍କା ଓ ସୁନା ଅଳଙ୍କାର ଚୋରି ମାମଲାରେ ଉଦ୍ଧାର ହୋଇଥିବା ୩୦ ଗ୍ରାମ୍ ସୁନା ଅଳଙ୍କାରକୁ ଜୟପୁର ଟାଉନ ଥାନା ପୁଲିସ ଅଭିଯୋଗକାରୀଙ୍କୁ ଫେରାଇଛନ୍ତି। ଉକ୍ତ ସୁନାକୁ ଅଭିଯୋଗକାରୀ ତଥା ପୀଡ଼ିତ ଏ .ରାହୁଲ ପାତ୍ର ଏବଂ ତାଙ୍କ ପତ୍ନୀଙ୍କୁ ଟାଉନ ଥାନାଠାରେ ଥାନା ଅଧିକାରୀ ଅବନୀ ରଞ୍ଜନ ଦଳେଇଙ୍କ ଉପସ୍ଥିତିରେ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଏସଆଇ ସଞ୍ଜିବ କୁମାର ମହାନ୍ତି ସୁନା ଅଳଙ୍କାର ଫେରାଇଛନ୍ତି।

ପ୍ରକାଶ ଯେ, ଗତ ଫେବୃଆରୀ ୨୯ ତାରିଖ ପି.ଆର ପେଟା ଏ.ରାହୁଲ ପାତ୍ର ଅଭିଯୋଗ କରିଥିଲେ ଯେ ପରିବାର ଲୋକେ ଘରର ତାଲାଦେଇ ବାହାରକୁ ଖାଇବାକୁ ରାତିରେ ଯାଇଥିଲେ। ଘରକୁ ଫେରିବା ବେଳେ ଘରର ବାଡ଼ିପଟର କବାଟ ଖୋଲା ରହିଥିଲା। ଏହିପରି ଗୃହ ଭିତର ଆଲମାରୀ ଖୋଲା ପଡ଼ିଥିବା ଦେଖି ଯାଞ୍ଚ ବେଳେ ଆଲମାରୀ ଭିତରୁ ୧ ଲକ୍ଷ ଟଙ୍କା ଏବଂ ସୁନା ଅଳଙ୍କାର ଚୋରି ହୋଇଥିବା ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା (୬୨/୨୪) ରୁଜୁ କରାଯାଇ ତଦନ୍ତକାରୀ ଅଧିକାରୀ ଏସଆଇ ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ଏକ ଦଳ ଗଠନ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଏଥିରେ ମୁଖ୍ୟ ଅଭିଯୁକ୍ତ କୁମ୍ଭାର ସାହିର କୃଷ୍ଣ ମୁଦୁଲି ଏବଂ ଅନ୍ୟ ୩ ଜଣ ନାବାଳକଙ୍କୁ ଗିରଫ ପରେ କ୍ରେତା ଅଭିଯୁକ୍ତ ବଣିଆ ଡଙ୍ଗାଗୁଡ଼ାର ଏମ. ପରିଚିତ ରାଓଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ପୁଲିସ ଗିରଫ ଅଭିଯୁକ୍ତଙ୍କଠାରୁ ୩୦ ଗ୍ରାମ ସୁନା ଅଳଙ୍କାର ଜବତ କରିଥିବାବେଳେ ଟଙ୍କା ଜବତ ହୋଇପାରି ନ ଥିଲା।

# ୟୁନିଅନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଏଟିଏମ୍ ନ ଥିବାରୁ ତେଜୁଛି ଅସନ୍ତୋଷ

**ନବରଙ୍ଗପୁର,୨୧।୪(ସମିସ)**

ନବରଙ୍ଗପୁର ସହରରେ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆର ଏଟିଏମ୍ ନ ଥିବା ଯୋଗୁଁ ସହରରେ ଗ୍ରାହକଙ୍କ ଭିତରେ ଅସନ୍ତୋଷ ତେଜିବାରେ ଲାଗିଛି। ନବରଙ୍ଗପୁର ଜିଲ୍ଲାରେ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆର ୪ଟି ଶାଖା ରହିଥିବାବେଳେ ନବରଙ୍ଗପୁର ସହରରେ ଦୁଇଟି ଶାଖା ରହିଛି। ନବରଙ୍ଗପୁର ସହର ଶେଷ ଅର୍ଥାତ୍ ଚାମୁରିଆଗୁଡ଼ା ସ୍ଥିତ ମଙ୍ଗଳମ ଛକ ନିକଟରେ ଗୋଟିଏ ଏବଂ ସହର ମଧ୍ୟରେ ଗୋଟିଏ ଯାହାକି ପୂର୍ବରୁ ଆନ୍ଧ୍ର ବ୍ୟାଙ୍କ ଥିଲା। ତାହା ଆନ୍ଧ୍ର ବ୍ୟାଙ୍କ ଏବଂ ୟୁନିଅନ ବ୍ୟାଙ୍କ ସହ ମିଶି ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆର ଦ୍ୱିତୀୟ ଶାଖା ହୋଇଯାଇଛି। ଏହି ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆରେ କେତେ ହଜାର ସଂଖ୍ୟକ ବ୍ୟାଙ୍କ ଖାତାଧାରୀ ରହିଛନ୍ତି ତାହା କହିବା ମୁସ୍କିଲ। ବ୍ୟାଙ୍କର ଉକ୍ତ ଶାଖାରେ ପ୍ରତିଦିନ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ନେଣଦେଣ ହେଉଥିବାବେଳେ ବ୍ୟାଙ୍କ ଗ୍ରାହକଙ୍କଠାରୁ କେବଳ ଟଙ୍କା ନେଉଛି କିନ୍ତୁ ଏଟିଏମ୍ ଗୋଟିଏ ଖୋଲିବା ଚିନ୍ତାଧାରା ଉଚ୍ଚ କର୍ତ୍ତୃପକ୍ଷଙ୍କ ନ ଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି।

ଜନସାଧାରଣ ବ୍ୟାଙ୍କରେ ଟଙ୍କା ତ ପଇଠ କରୁଛନ୍ତି; ହେଲେ ଯେତେବେଳେ ମେଡିକାଲ, ଔଷଧ ବାବଦରେ କିମ୍ବା ପିଲା ଛୁଆର ପଢ଼ା ବାବଦରେ କିମ୍ବା କିଛି ଜରୁରୀ ସମୟରେ କେତେବେଳେ ଟଙ୍କାଟିଏ ବାହାର କରିବେ ଚିନ୍ତା କଲେ ମଧ୍ୟ ଲୋକଙ୍କୁ ତାଙ୍କ ଟଙ୍କା ଉଠାଇବାର ସୁବିଧା ନାହିଁ। ସହର ଶେଷରେ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆର ଗୋଟିଏ ଏଟିଏମ୍ ଅଛି ଯାହାକି ସହରଠାରୁ ପ୍ରାୟ ଦେଢ଼ କିମିରୁ ଉର୍ଦ୍ଧ୍ୱ ହେବ। ସେଥିରେ ମଧ୍ୟ କେତେବେଳେ ଟଙ୍କା ରହେନି ତ କେତେବେଳେ ବନ୍ଦ ରହୁଛି। ଫଳରେ ବୃଦ୍ଧବୃଦ୍ଧା, ରୋଗୀ ଏବଂ ମହିଳାଙ୍କୁ ଏତେ ବାଟ ଯିବାରେ ଓ ଟଙ୍କା ପାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।




ଲୋକଙ୍କ ଆକାଉଣ୍ଟରେ ବହୁ ପରିମାଣର ଟଙ୍କା ରହିଥିଲେ ମଧ୍ୟ ଲୋକେ ନିଜ ଟଙ୍କାରୁ ଟଙ୍କାଟିଏ ମଧ୍ୟ ବାହାର କରିପାରୁ ନାହାନ୍ତି। କାରଣ ଏଟିଏମ୍ ନାହିଁ। ଏଟିଏମ୍ ପାଇଁ ଘରଟିଏ ଅଛି, ସାମ୍ନାରେ ନାମଫଳକ ମଧ୍ୟ ଲଗାଯାଇଛି କିନ୍ତୁ ସଟର ବନ୍ଦ ରହି ତାଲା ଝୁଲୁଛି। ଏନେଇ ନବରଙ୍ଗପୁର ୟୁନିଅନ ବ୍ୟାଙ୍କ ଦ୍ୱିତୀୟ ଶାଖା ପରିଚାଳକ ସୌମ୍ୟରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ଏହି ଏଟିଏମ୍ ବାବଦରେ ପୂର୍ବରୁ ଲୋକଙ୍କ ଅଭିଯୋଗ ଆସିବାରୁ ବହୁବାର ଏହି ଶାଖା ପକ୍ଷରୁ ମୁଖ୍ୟ କାର୍ଯ୍ୟାଳୟକୁ ମେଲ୍ ଦିଆଯାଇଛି କିନ୍ତୁ କୌଣସି ଉତ୍ତର ଆସିନି କିମ୍ବା ଆଗାମୀ ପଦକ୍ଷେପ ବିଷୟରେ ସୂଚନା ନାହିଁ। ତେଣୁ ଏହି ବିଷୟ ନେଇ ମୁଁ ପୁଣି ଥରେ ଆମ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବି ବୋଲି କହିଛନ୍ତି ଶାଖା ପରିଚାଳକ ଶ୍ରୀ ମହାପାତ୍ର। ତେବେ ସହର ମଧ୍ୟର ଏଟିଏମ୍ ଖୋଲିବା ପାଇଁ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ କେବେ ନିଦ ଭାଙ୍ଗିବ, କେବେ ସହରବସୀ ଏଟିଏମରୁ ଟଙ୍କା ଉଠାଣ କରିବେ ଏବେ ସାଧାରଣରେ ପ୍ରଶ୍ନ ସୃଷ୍ଟି ହେବା ସହିତ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଲୋକଙ୍କୁ ଏଟିଏମ୍ ସୁବିଧା ଯୋଗାଇଦେଉ ନ ଥିବାରୁ ଜନସାଧାରଣ ଆଗାମୀ ଦିନରେ ନିଜ ନିଜ ବ୍ୟାଙ୍କ ଖାତା ୟୁନିଅନ ବ୍ୟାଙ୍କରେ ରଖିବେ କି ଖାତା ବନ୍ଦ କରି ଅନ୍ୟ ବ୍ୟାଙ୍କରେ ନୂତନ ଭାବରେ ଖାତା ଖୋଲିବେ ତାହା ସମୟ ହିଁ କହିବ ବୋଲି ସହରବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଏଥି ସହିତ ଦିନକୁ ଦିନ ଏଟିଏମକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

■ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ପାଳିତ

# 'ପିଲାଦିନୁ ସମାଜସେବାରେ ଜୀବନକୁ ଉତ୍ସର୍ଗ କରିଥିଲେ ସଦାଶିବ'



**ରାୟଗଡ଼ା,୨୧।୪(ସମିସ)**

ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ରବିବାର ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ରାୟଗଡ଼ାଠାରେ ପାଳିତ ହୋଇଯାଇଛି। ଉପଜିଲ୍ଲାପାଳ କଲ୍ୟାଣୀ ସଙ୍ଘମିତ୍ରା ଦେବୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପ ଓ ଧୂପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମାଜସେବା ଯାହାର ଜୀବନର ଲକ୍ଷ୍ୟ ଥିଲା ସେହି ମହାନ ପୁରୁଷ ସ୍ୱର୍ଗତ ଡ. ସଦାଶିବ ତ୍ରିପାଠୀଙ୍କ ଆଦର୍ଶକୁ ଅନୁପ୍ରାଣିତ ହୋଇ ଆଜିର ଯୁବପିଢ଼ି ପ୍ରେରଣା ଭାବେ ଗ୍ରହଣ କରି ସମାଜସେବା ପାଇଁ ଆଗକୁ ଆସିବା ପାଇଁ ନିଜ ବକ୍ତ୍ୟବରେ ପ୍ରକାଶ କରିଥିଲେ। ସେହିପରି ରାୟଗଡ଼ା ସହରର ଜଣାଶୁଣା ଶିକ୍ଷାବିତ୍, ପ୍ରେମପାହାଡ଼ ୱାକର୍ସ କ୍ଲବର ସଭାପତି ଡ. ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ୧୯୧୦ ମସିହା ଆଜିର ଦିନରେ ଜନ୍ମ ଗ୍ରହଣ କରି ପିଲାଟି ଦିନରୁ ଲୋକଙ୍କ ସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିବା ସ୍ୱର୍ଗତ ତ୍ରିପାଠୀ ୧୯୬୫ରୁ ୧୯୬୭ ମସିହା ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ରହିବା ସହ ୧୯୭୧ ମସିହା ଯାଏ ବିରୋଧୀ ଦଳ ନେତା ଭାବେ ରାଜନୀତିରେ ରହିଥିଲେ। ଏହା ସହ ସ୍ୱର୍ଗତ ତ୍ରିପାଠୀଙ୍କ ତ୍ୟାଗପୂର୍ଣ୍ଣ ଜୀବନ ଏବଂ ଓଡ଼ିଶାର ବିକାଶ ପାଇଁ ତାଙ୍କର ଅବଦାନ ଏବଂ ନିଷ୍ଠାପର, ସାଧୁତା, ନିଃସ୍ୱାର୍ଥପରତା, ଶାନ୍ତ ସରଳ ଜୀବନଯାପନ ପାଇଁ ସ୍ୱର୍ଗତ ତ୍ରିପାଠୀ ଉଦାହରଣ ସୃଷ୍ଟି କରିଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ରାୟଗଡ଼ା ସୂଚନା ଓ ଲୋକସମ୍ପର୍କ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଜଳନ୍ଧର ପୁଷ୍ଟିକା ସ୍ୱର୍ଗତ ତ୍ରିପାଠୀଙ୍କ ସଂଘର୍ଷ ଜୀବନ ଓ ସ୍ୱାଧୀନତା ସଂଗ୍ରାମୀ ଜୀବନ ଉପରେ ଉଦବୋଧନ ଦେଇଥିଲେ। ସେହିପରି ଜିଲ୍ଲା କ୍ରୀଡ଼ା ଅଧିକାରୀ ଶେଖ ଆଲେନୁର କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ, ପ୍ରେମପାହାଡ଼ ଓ ଜିସିଡି ୱାକର୍ସ କ୍ଲବର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ କାର୍ଯ୍ୟାଳୟର ଗ୍ରନ୍ଥାଗାରିକ ଡମ୍ବରୁଧର ପଣ୍ଡା, ବରିଷ୍ଠ ରାଜସ୍ୱ ସହାୟକ ଭବାନୀ ଶବର, କ୍ଷିପ୍ର ଲେଖକ କୁମୁଦିନୀ ବିଶ୍ୱାଳ, ମନୀଷା ଚୌଧୁରୀ, ଶ୍ରୀକାନ୍ତ ବିଶ୍ୱାଳ, ରାଜେନ୍ଦ୍ର ଦୋରା ପ୍ରମୁଖ ସହଯୋଗ କରିଥିଲେ।

# କୋରାପୁଟ ଲୋକସଭା ନିର୍ବାଚନ ମଣ୍ଡଳୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକ



**ରାୟଗଡ଼ା,୨୧।୪(ସମିସ):** ଚଳିତ ସାଧାରଣ ନିର୍ବାଚନ ୨୦୨୪କୁ ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପରିପ୍ରେକ୍ଷୀରେ କୋରାପୁଟ ଲୋକସଭା ଓ ରାୟଗଡ଼ା ଜିଲ୍ଲାର ତିନିଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାରତ ରାଜସ୍ୱ ସେବାର ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କୁ ଭାରତୀୟ ନିର୍ବାଚନ ଆୟୋଗ ନିଯୁକ୍ତି ଦେଇଛନ୍ତି। କୋରାପୁଟ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ରାମ ଚନ୍ଦ୍ରନ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିଥିବାବେଳେ ରାଜୀବ ୟୁକାମ ରାୟଗଡ଼ା ଜିଲ୍ଲାର ବିଧାନସଭା ନିର୍ବାଚନମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିଛନ୍ତି। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ରାମଚନ୍ଦ୍ରନ ଯୋଗଦେଇ ନିର୍ବାଚନ ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବରେ ଆୟୋଜନ କରିବା ନିମନ୍ତେ ପ୍ରଶାସନ ତରଫରୁ କଡ଼ାକଡ଼ି ଯାଞ୍ଚ କରିବାକୁ ବିଭିନ୍ନ ସ୍କ୍ୱାଡ୍ ଗଠନ କରାଯାଇଛି। ବିଶେଷ କରି ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଅର୍ଥ, ବଳ ପ୍ରୟୋଗ କରି ପ୍ରଭାବିତ କରିବାର ସମ୍ଭାବନାକୁ ଯାଞ୍ଚ କରିବା ନିମନ୍ତେ ଷ୍ଟାଟିକ୍ ସର୍ଭେଲାନ୍ସ, ଫ୍ଲାଇଂ ସ୍କ୍ୱାଡ୍, ଭିଡିଓ ଭିୟୁଙ୍ଗ ଟିମ୍ ଆଦି ଗଠନ କରାଯାଇଛି। ଏହି ଟିମର କାର୍ଯ୍ୟକ୍ରମ ଉପରେ ପର୍ଯ୍ୟବେକ୍ଷକ ସମୀକ୍ଷା କରିଥିଲେ ଓ ସମସ୍ତ ଟିମ ସହଯୋଗିତା ଏବଂ ଉତ୍ତମ ବୁଝାମଣାରେ କାମ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲାପାଳଙ୍କ ସମେତ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ନିହାର ରଞ୍ଜନ କହଁର, ସହକାରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ବରାଳ, ରାୟଗଡ଼ା, ଗୁଣୁପୁର ଓ ବିଷମ କଟକ ନିର୍ବାଚନ ଖର୍ଚ୍ଚ ଟିମର ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ନିର୍ବାଚନ ଖର୍ଚ୍ଚ ପରିଚାଳନା ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ତଥା ମୁଖ୍ୟ ବିକାଶ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କହଁର ବିସ୍ତୃତ ଭାବରେ ପାୱାର ପଏଣ୍ଟ ମାଧ୍ୟମରେ ନିର୍ବାଚନ ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଜିଲ୍ଲାର ତଥ୍ୟ ଉପସ୍ଥାପନା କରିଥିଲେ।

# ମହିଳାଙ୍କ ସୁନା ଚେନ୍ ଲୁଟ

**ସୁନାବେଡ଼ା, ୨୧।୪(ସମିସ):** ଜଣେ ମହିଳାଙ୍କ ସୁନା ଚେନ୍ ରବିବାର ଲୁଟ ହୋଇଛି। ସୁନାବେଡା ପୌରାଞ୍ଚଳରେ କିଛି ମାସ ହେଲା ଚୋର ଓ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ସଞ୍ଜ ନଇଁବା ପରେ ଲୋକେ ଘରୁ ବାହାରିବାକୁ ଡରୁଛନ୍ତି। ଏହା ବାରମ୍ବାର ହେଲେ ମଧ୍ୟ ପ୍ରଶାସନ କିଛି ପଦେକ୍ଷପ ନେଉନାହିଁ। ଏହାର ସଦ୍ୟ ଉଦାହରଣ ହାଲ ସହରାଞ୍ଚଳର ଦେଖିବାକୁ ମିଳିଛି। ଏଲ୍ ଜୋନ ଜଗନ୍ନାଥ ମନ୍ଦିରକୁ ବିଶ୍ୱନାଥ ସାହୁ ଏବଂ ତାଙ୍କ ଧର୍ମପତ୍ନୀ ନମିତା ସାହୁ ରବିବାର ସନ୍ଧ୍ୟା ୭ଟାରେ ଯାଉଥିବା ସମୟରେ ଏକ ମୋଟର ସାଇକଲରେ ହେଲମେଟ ପିନ୍ଧି ଦୁଇ ଲୁଟେରା ଆସି ବେକରୁ ସୁନା ଚେନ ଝାମ୍ପି ନେଇ ଦ୍ରୁତ ଗତିରେ ଫେରାର ହୋଇଯାଇଛନ୍ତି।

ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ପାଳିତ

# 'ଶିକ୍ଷକତା ହେଉଛି ଏକ କଠିନତମ ସାଧନା'

**ଜୟପୁର, ୨୧।୪(ସମିସ)**

ଜୟପୁରସ୍ଥିତ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ରୂପଚନ୍ଦ୍ର ସୋରେନଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କୋରାପୁଟ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶିକା ଡ. ଲତିକା ମିଶ୍ର, ସମ୍ମାନିତ ଅତିଥି ଭାବେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ ନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ, ମୁଖ୍ୟବକ୍ତା ଭାବେ ବିକ୍ରମଦେବ ବିଶ୍ୱ ବିଦ୍ୟାଳୟର ଶିକ୍ଷା ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ମନୋରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ଶିକ୍ଷକତା ଏକ ଆଦର୍ଶ ପେସା ଏବଂ ଏଥିରେ ଶୃଙ୍ଖଳା ସହ ଚରିତ୍ର ଗଠନର



ଆବଶ୍ୟକତା ରହିଥିବା ମତ ପ୍ରକାଶ ପାଇଛି। ସେହିପରି ଶିକ୍ଷକତା ଏକ କଠିନତମ ସାଧନା ଏବଂ ଏହି କର୍ମରେ ବିନା ଆଶା ଓ ସ୍ୱାର୍ଥରେ ସମାଜ ଗଠନ କରିବାକୁ ପଡ଼ିବ, ସେଥିପାଇଁ ଅସୀମ ସାହସ ଓ ଧୈର୍ଯ୍ୟର ଆବଶ୍ୟକତା ରହିଛି ବୋଲି ମଞ୍ଚାସୀନ ଅତିଥିମାନେ ଆଲୋକପାତ କରିଥିଲେ। ପ୍ରଶିକ୍ଷିକା ଶୁଭସ୍ମିତା ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ପ୍ରଶିକ୍ଷିକା ଉମାକାନ୍ତି ବାଇପାଇ ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର ତଥା ଶିକ୍ଷକ ଅଜୟ ମଲ୍ଲିକ ଓ ଜଗବନ୍ଧୁ ବେହେରାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସହଯୋଗ କରିଥିଲେ। ବିଭିନ୍ନ ବିଭାଗରେ ପ୍ରତିଯୋଗିତାଗୁଡିକର କୃତୀ ଶିକ୍ଷାର୍ଥୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠାନର ପ୍ରଶିକ୍ଷକ ବ୍ରହ୍ମଦେବ ଟୁଡୁ, ସୁଶାନ୍ତ ଜେନା, ଡମ୍ବରୁଧର ପାଣିଗ୍ରାହୀ ଓ ବରିଷ୍ଠ ପ୍ରଶିକ୍ଷିକା ଗାୟତ୍ରୀ ବୈଠାରୁ, ପ୍ରଶିକ୍ଷିକା କୁସୁମ ପାଣ୍ଡେ ଏବଂ କର୍ମକର୍ତ୍ତା ସହଯୋଗ କରିଥିଲେ। ସୁଶାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ମଞ୍ଚ ପରିଚାଳନା ଓ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା।

# ସ୍ୱାମୀଙ୍କୁ ହତ୍ୟା ଅଭିଯୋଗରେ ପତ୍ନୀ ଗିରଫ

**ଜୟପୁର, ୨୧।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ପୁଲିସ ସ୍ୱାମୀକୁ ହତ୍ୟା ଅଭିଯୋଗରେ ପତ୍ନୀଙ୍କୁ ଗିରଫ କରିବା ସହ ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମହିଳା ହେଉଛି ବାରିଣିପୁଟ ଫାଣ୍ଡି ଦେଓଗୁଡା ଗ୍ରାମର ବଣ୍ଡାଇ କନ୍ଧ (୩୫)। ପୁଲିସ ସୂଚନା ଅନୁଯାୟୀ, ଗତ ଗୁରବାର ସଂଧ୍ୟାରେ ବଣ୍ଡାଇ ଏବଂ ସ୍ୱାମୀ ଗଦା କନ୍ଧ (୪୦) ମିଳିତ ଭାବେ ସ୍ଥାନୀୟ ଆଦିବାସୀଙ୍କ ପ୍ରସ୍ତୁତ ନିଶା ପାନୀୟ (ଲନ୍ଦା) ପିଇ ନିଶାଗ୍ରସ୍ତ ଅବସ୍ଥାରେ ଗଣ୍ଡଗୋଳ ହୋଇଥିଲେ। ଉଭୟ ମାରପିଟ ହୋଇଥିଲେ ଏବଂ ପତ୍ନୀ ଏକ ବାଡ଼ିରେ ସ୍ୱାମୀଙ୍କୁ ବାରମ୍ବାର ମାଡ଼ମାରିବା ଯୋଗୁଁ ସ୍ୱାମୀ ଗଦା ଗୁରୁତର ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ଡାକ୍ତରୀ ପରାମର୍ଶ ସତ୍ତ୍ୱେ ଅଧିକ ଚିକିତ୍ସା ପାଇଁ ଏକ ଆମ୍ବୁଲେନ୍ସ ବ୍ୟବସ୍ଥା କରିପାରି ନଥିଲେ। ଗୁରୁତର ଅବସ୍ଥାରେ ସ୍ୱାମୀଙ୍କୁ ପରିବାର ଲୋକ ତାଙ୍କ ନିଜ ଗ୍ରାମକୁ ନେଇଯାଇଥିଲେ। ସେଠାରେ ରବିବାର ପୂର୍ବାହ୍ନରେ ସ୍ୱାମୀ ଗଦାଙ୍କ ମୃତ୍ୟୁ ହୋଇଛି। ପୁଲିସ ଅଭିଯୋଗ ଆଧାରରେ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ପତ୍ନୀଙ୍କୁ ଗିରଫ କରିଛି। ସେମାନଙ୍କ ୩ଟି ସନ୍ତାନ ରହିଥିବା ବେଳେ ସମସ୍ତେ ବିଭିନ୍ନ ଶ୍ରେଣୀରେ ଗ୍ରାମ ବିଦ୍ୟାଳୟରେ ପାଠ ପଢୁଥିବା ନେଇ ସଦରଥାନା ଅଧିକାରୀ ଈଶ୍ୱର ତାଣ୍ଡୀ ପ୍ରକାଶ କରିଛନ୍ତି।

ଗୁଜୁରାଣ ପାଇଁ ବୃଦ୍ଧା ଖମା ଖରାଙ୍କ ସଂଘର୍ଷ

# ଦୋକାନବଜାରରେ ସ୍ୱଚ୍ଛତାର ଭାର ମୁଣ୍ଡାଇଛନ୍ତି

**କୋଲାବ ନଗର, ୨୧।୪ (ସମିସ)**

ଗୁଜୁରାଣ ମେଣ୍ଟାଇବା ପାଇଁ ମହିଳାଙ୍କ ସଂଘର୍ଷ କହିଲେ ନ ସରେ। ପରିଣତ ବୟସ ଷାଠିଏରେ ହାତରେ ଝାଡୁ ଓ ମୁଣ୍ଡରେ ଗରା ଧରିଛନ୍ତି ଖମା। ଖମା ଛାତିର ପଞ୍ଜରା ହାଡ଼ ଗଣି ହେଉଛି। ଶରୀର କହିଲେ, ହାଡ଼ ଉପରେ ଚମଡ଼ାର ଚାଦରଟିଏ ଘୋଡ଼େଇ ହୋଇଛି। କର୍ମ ଓ ଭାଗ୍ୟକୁ ଭରସା କରି ଚାଲିଛନ୍ତି ବଡ଼କେରଙ୍ଗା ପଞ୍ଚାୟତ କୋଲାବନଗରର ଖମା ଖରା; ଯିଏ କି ସମସ୍ତଙ୍କର ରମା। ଖମାଙ୍କ ଜୀବନ ଯାତ୍ରା ଯେତିକି ପ୍ରେରଣାଦାୟୀ, ସେତିକି ସଂଘର୍ଷପୂର୍ଣ୍ଣ। ଏବେ ବିଶ୍ରାମ ନେବା ବୟସରେ ନିଜର ମାନସିକ ଭିନ୍ନକ୍ଷମ ଦୁଇ ବୟସ୍କ ଭଉଣୀଙ୍କ ଜୀବନ ଭାର ବୋହୁଛନ୍ତି ରମା; କାରଣ ତାଙ୍କ ମୁଣ୍ଡରେ ହି ଏମାନଙ୍କ ଦାୟିତ୍ୱ। ଏହାସହ ସମ୍ପର୍କ ବି ସେତେ ନିବିଡ଼



ହୋଇଚାଲିଛି।

କୋରାପୁଟ ଜିଲ୍ଲା ସଦର ବ୍ଲକ ଅପର କୋଲାବର ଖମା ଖରା। ନିଜର କଥା ବୁଝିବା ସହ ତିନି ମାନସିକ ବିକାରଗ୍ରସ୍ତ ଭାଇ ଭଉଣୀଙ୍କ ଦାୟିତ୍ୱ ସମ୍ଭାଳିବା ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଛନ୍ତି। ସରକାରୀ ସହାୟତା ଭାବେ କେବଳ ଭତ୍ତା ଓ ଚାଉଳ ପାଉଥିବା ବେଳେ ରହିବା ପାଇଁ ଘର ଖଣ୍ଡେ ମଧ୍ୟ ନାହିଁ। ସ୍ଥାନୀୟ ପଞ୍ଚାୟତ କୋଠାର ପାଚେରିକୁ ଲଗାଇ ଝାଟି-

> ଭାଗ୍ୟ ଓ କର୍ମ ସାହାରାରେ କରୁଛନ୍ତି ସେବା
> ୪ ପ୍ରାଣୀଙ୍କ ପ୍ରତିପୋଷଣ ପାଇଁ ସହାୟତା ଶୂନ

ମାଟିର ଛୋଟ ଘର କରି ଜଣଙ୍କର ଦୟାରେ ରହୁଛନ୍ତି। ତେବେ ରମା କିନ୍ତୁ ଭାଇଭଉଣୀଙ୍କ ସେବାରେ କେବେ ଅବହେଳା କରିନାହାନ୍ତି। ଏଥିପାଇଁ ସେ ଏ ଅଞ୍ଚଳର ସ୍ୱୟଂସିଦ୍ଧା ଭାବେ ପରିଚିତ। ଖମାଙ୍କ ବାପା ସ୍ଥାନୀୟ ଅପର କୋଲାବ ପ୍ରକଳ୍ପରେ ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ। କାର୍ଯ୍ୟାଳୟ ପକ୍ଷରୁ ତାଙ୍କ ଏକ ଘର ମଧ୍ୟ ପ୍ରଦାନ କରାଯାଇଥିଲା। ସେ ଘରର ବଡ଼ ଝିଅ ହୋଇଥିବାବେଳେ ଜଣେ ଭାଇ ଓ ଦୁଇ ଜଣ ଭଉଣୀ ରହିଛନ୍ତି। ବାପା ଓ ମାଆ ଏକା ସାଙ୍ଗରେ ଆର ପାରିକୁ ଚାଲିଗଲେ। ଫଳରେ ତାଙ୍କୁ ବିଭାଗ ପକ୍ଷରୁ ଦିଆଯାଇଥିବା ଘର ଛାଡ଼ିବାକୁ ପଡ଼ିଥିଲା। ଏହାରି ଭିତରେ ଭାଇଭଉଣୀମାନେ ହଠାତ୍ ମାନସିକ ବିକାରଗ୍ରସ୍ତ ହୋଇଯାଇଥିଲେ। ସେମାନଙ୍କୁ ଅପର କୋଲାବ କର୍ତ୍ତୃପକ୍ଷଙ୍କଠାରୁ ମଧ୍ୟ କୌଣସି ସହାୟତା ମିଳି ନଥିଲା। ଖର୍ଚ୍ଚବହୁଳ ଜୀବନର ଭାର ନିଜେ ମୁଣ୍ଡାଇଥିଲେ ରମା। ପ୍ରତିଦିନ ଅପର କୋଲାବ ଛକରେ ଥିବା ସମସ୍ତ ଦୋକାନଗୁଡ଼ିକର ସଫାସୁତୁରା କରୁଥିବା ବେଳେ ହୋଟେଲଗୁଡ଼ିକରେ ପାଣି ଦେଉଛନ୍ତି। ସେଠାରୁ ଯାହା ମିଳିଲା ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। ଅଞ୍ଚଳବାସୀ କୁହନ୍ତି, ବଜାରରେ ଥିବା ପ୍ରାୟ ସବୁ ଦୋକାନ ସମ୍ମୁଖରେ ଥିବା ଅଳିଆ-ଆବର୍ଜନାଗୁଡ଼ିକୁ ସେ ସଫାସୁତରା କରନ୍ତି। ଦୀର୍ଘବର୍ଷ ହେବେ ସେ ଏହି କାର୍ଯ୍ୟ କରୁଛନ୍ତି; କିନ୍ତୁ ତାଙ୍କ ରହିବା ପାଇଁ ଘରଟିଏ ନାହିଁ। ଫଳରେ ଝାଟିମାଟି କୁଡ଼ିଆରେ ରହୁଛନ୍ତି। ତାଙ୍କୁ ଦେଖିଲେ ଏତେସବୁ ସରକାରୀ ଯୋଜନା କାହାପାଇଁ ବୋଲି ମନରେ ପ୍ରଶ୍ନ ଉଙ୍କି ମାରୁଥିବା ବେଳେ ଖମା କହନ୍ତି, ତାଙ୍କୁ ମାସିକ ଭତ୍ତା ଓ ସରକାରୀ ଚାଉଳ ମିଳୁଛି। ସେ ତାଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ନିଭାଉଛନ୍ତି। ଆଗକୁ କ'ଣ ହେବ ଜାଣି ନାହାନ୍ତି। ତାଙ୍କୁ ସହଯୋଗ ଓ ସରକାରୀ ସହାୟତା ମିଳିଲେ ତାଙ୍କ ସହ ତାଙ୍କର ମାନସିକ ବିକାରଗ୍ରସ୍ତ ଦୁଇ ଭଉଣୀ ଓ ଭାଇ ବି ଉପକୃତ ହୋଇପାରନ୍ତେ।

# ଆମ୍ବପାଣି ଘାଟିରେ କାର୍-ପିକ୍‌ଅପ୍ ଧକ୍କା; ଜଣେ ମୃତ, ୧ ଗୁରୁତର

**ପାପଡ଼ାହାଣ୍ଡି, ୨୧।୪(ସମିସ):** ନବରଙ୍ଗପୁର-କଳାହାଣ୍ଡି ଜିଲ୍ଲା ସୀମାନ୍ତ ଆମ୍ବପାଣି ଘାଟିରେ ରବିବାର ଅପରାହ୍ନରେ ବାଜାବାଲା ବସିଥିବା ପିକଅପ୍ ଭ୍ୟାନ ଏବଂ କାର ମଧ୍ୟରେ ଦୁର୍ଘଟଣା ହୋଇଛି। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ଏଥିରେ ଆଉ ନଅ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, କୋଷାଗୁମୁଡ଼ା ବ୍ଲକ ଆଉଁଳି ଗ୍ରାମର ବ୍ୟାଣ୍ଡ ପାର୍ଟି କଳାହାଣ୍ଡି ବିବାହ ଘରେ ବରଯାତ୍ରୀ ପାଇଁ ଯିବା ସମୟରେ ମୈଦଲପୁର ସୀମାନ୍ତ ଘାଟି ନିକଟରେ ଏକ କାର ସହ ଦୁର୍ଘଟଣା ହୋଇଥିଲା। ପିକଅପ ଓଲଟି ପଡ଼ିଥିଲା ବେଳେ ମୈଦଲପୁର ପୁଲିସ ସମସ୍ତ ଆହତଙ୍କୁ ମୈଦଲପୁର ମେଡିକାଲରେ ଭର୍ତ୍ତି କରାଇଥିଲଶ। ଜଣେ ଗୁରୁତର ହେବାରୁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର



କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ। ସେ ହେଉଛନ୍ତି ପର୍ଶୁ ଭତରା, (୨୪)। ପିକଅପ ଭ୍ୟାନରେ ୨୦ ଜଣ ଥିବା ଜଣାପଡ଼ିଛି। ମୈଦଲପୁର ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

